

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୪ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 MAY 2021

Vol.No. 32 ■ No. 113 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସ୍ଥଗିତ ରହିଲା ପିପିଲି ଉପ ନିର୍ବାଚନ

ଭୁବନେଶ୍ୱର,୦୩/୦୫(ନି.ପ୍ର): ବଢୁଥିବା ସଂକ୍ରମଣ ଭିତରେ ଆସିଛି ବଡ ଖବର । ପୁଣି ସ୍ଥଗିତ ରହିଲା ପିପିଲି ଉପ ନିର୍ବାଚନ । କରୋନା ସଂକ୍ରମଣ ବଢୁଥିବା ଦେଖି ପିପିଲି ଉପ ନିର୍ବାଚନକୁ ସ୍ଥଗିତ ରଖିଲେ ନିର୍ବାଚନ କମିଶନ । କେବଳ ପିପିଲି ନୁହେଁ, ପଶ୍ଚିମବଙ୍ଗର ଦୁଇଟି ବିଧାନସଭା (ଜାଙ୍ଗିପୁର ଓ ସମସେରଗଂଜ) ଉପ ନିର୍ବାଚନକୁ ମଧ୍ୟ ନିର୍ବାଚନ କମିଶନ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି। ତେବେ ସ୍ଥିତି ସୁଧୁରିବା ପରେ ଉପ ନିର୍ବାଚନ ନେଇ ପୁଣି ଥରେ ନୂଆକରି ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁହାଯାଇଛି । କେବଳ ପିପିଲି ନୁହେଁ, ପଶ୍ଚିମବଙ୍ଗର ଦୁଇଟି ବିଧାନସଭା ଉପ ନିର୍ବାଚନକୁ ମଧ୍ୟ ନିର୍ବାଚନ କମିଶନ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି । ଏନେଇ ବେଙ୍ଗଲ ଏବଂ ଓଡିଶାର ସିଇଓଙ୍କ ସହ କଥା ହେବା ପରେ ପରବର୍ତ୍ତୀ ମୁହୂର୍ତ୍ତରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ପିପିଲିର କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ବିୟୋଗ ପରେ ପ୍ରଥମ କରି ପିପିଲି ଉପ ନିର୍ବାଚନ ସ୍ଥଗିତ ରହିଥିଲା । ପରେ ଏହାକୁ ଏପ୍ରିଲ ୧୩ ଏବଂ ଏହାପରେ ଏପ୍ରିଲ ୧୬ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା । ଏବେ ସଂକ୍ରମଣ ବଢୁଥିବା ହେତୁ ଏହାକୁ ପୁଣି ଥରେ ସ୍ଥଗିତ ରଖାଯାଇଛି ।

କୋଭିଡ୍ ପରିଚାଳନା ପାଇଁ ସିଏମସିକୁ ୧୦ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୦୩/୦୫(ନି.ପ୍ର): କୋଭିଡ୍ ପରିଚାଳନା ପାଇଁ ସିଏମସିକୁ ୧୦ କୋଟି ଟଙ୍କା ହେଲା ମଞ୍ଜୁର । ଏହି ଟଙ୍କାକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ମହାନଗର ନିଗମ ପାଇଁ ମଞ୍ଜୁର କରିଛନ୍ତି । ମୁଖ୍ୟମନ୍ତ୍ରୀ ରିଲିଫ୍ ପଣ୍ଡରୁ ଏହି ଟଙ୍କା କଟକ ମହାନଗର ନିଗମକୁ କୋଭିଡ ପରିଚାଳନା ପାଇଁ ଯୋଗାଇ ଦିଆଯିବ । ତେବେ ସହରରେ ସଂକ୍ରମଣ ବଢୁଥିବା ଦେଖି ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ମହାନଗର ନିଗମରେ ବଢୁଥିବା ସଂକ୍ରମଣକୁ ଦେଖି ମଧ୍ୟ ୧୦ କୋଟି ଟଙ୍କା ମଞ୍ଜୁର କରିଥିଲେ । ଯେଉଁଥିରେ ସହରର କୋଭିଡ୍ ପରିଚାଳନା ସୁରୁଖୁରୁରେ ହେବ ବୋଲି କୁହାଯାଇଥିଲା ।

ମମତା ବାନାର୍ଜୀ ହେଲେ ବିଧାୟକ ଦଳର ନେତା

ମେ ୫ରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ନେଇପାରନ୍ତି ଶପଥ

ପଶ୍ଚିମବଙ୍ଗ,୦୩/୦୫ (ନି.ପ୍ର): ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଦଳ ତୃଣମୂଳ କଂଗ୍ରେସକୁ ବହୁମତ ମିଳିଛି । ଏହାରି ମଧ୍ୟରେ ଆଜି ଦଳୀୟ ସଭା ଆୟୋଜନ ହୋଇଛି । ଯେଉଁଥିରେ ମମତା ବାନାର୍ଜୀଙ୍କୁ ବିଧାୟକ ଦଳର ନେତା ଭାବେ ବଛା ଯାଇଛି । ଏହାସହ ଖବର ଆସୁଛି ଆସନ୍ତା ମେ ୫ ତାରିଖରେ ମମତା ମୁଖ୍ୟମନ୍ତ୍ରୀ ପଦ ପାଇଁ ଶପଥ ନେଇ ପାରନ୍ତି । ସେହିପରି ଅନ୍ୟ ନେତା ମାନେ ମେ ୬କୁ ଶପଥ ନେଇ ପାରନ୍ତି । ବିଜେପି ପାର୍ଟି ଅଫିସରେ ଆକ୍ରମଣକୁ ନେଇ ମମତା କହିଛନ୍ତି, ମତେ ହିଂସା ପସନ୍ଦ ନୁହେଁ । ଏମାନେ ଆମକୁ ବଦନାମ କରିବାକୁ ପୁରୁଣା ଫଟୋ ଦେଖାଉଛନ୍ତି । ହେଲେ ମୁଁ ବୁଝିପାରୁନି ଏମାନେ ଏଭଳି କାହିଁକି କରୁଛନ୍ତି । ମୁଁ ପଶ୍ଚିମବଙ୍ଗ ବାସୀଙ୍କୁ ଅପିଲ କରୁଛି ଶାନ୍ତି ବଜାୟ ରଖ । ପଶ୍ଚିମବଙ୍ଗରେ ୨୯୨ ଆସନରେ ଚାଲିଥିଲା ଜୋରଦାର ଲଢେଇ । ଯେଉଁଥିରେ ବାଜି ମାରିନେଇଛନ୍ତି ମମତା ବାନାର୍ଜୀ । ମମତା ବାନାର୍ଜୀଙ୍କ ଦଳ ତୃଣମୂଳ କଂଗ୍ରେସ ୨୧୩ ସିଟ ପାଇ ଆଗୁଆ ରହିଥିବା ବେଳେ ବିଜେପି ୭୭ଟି ଆସନ ପାଇଛି ।

କରୋନା ପରିଚାଳନାରେ ସାମିଲ ହେଲେ ଡାକ୍ତରୀ ଛାତ୍ର

ଭୁବନେଶ୍ୱର,୦୩/୦୫ (ନି.ପ୍ର): କରୋନା ମୁକାବିଲାରେ ଡାକ୍ତରୀ ଛାତ୍ରଙ୍କୁ ନିୟୋଜିତ କରିଛନ୍ତି ରାଜ୍ୟ ସରକାର। କଟକ ସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ୬ ଜଣ ଇଂଟର୍ଣ୍ଣଙ୍କୁ ୧୦୪ କଲ୍ ସେଂଟରରେ ନିୟୋଜିତ କରାଯାଇଛି। ସେମାନେ ଭୁବନେଶ୍ୱର ସ୍ଥିତ ଇଡକୋ ଟାୱାରରେ ଖୋଲା ଯାଇଥିବା ଏହି ୧୦୪ କଲ୍ ସେଂଟରରେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। ଏହି ୬ ଡାକ୍ତର ହେଉଛନ୍ତି, ଅରୁନ୍ଧତୀ ଆଚାର୍ଯ୍ୟ, ଦିବ୍ୟ ପ୍ରକାଶ ଆଚାର୍ଯ୍ୟ, ସୌରଭ ଆଚାର୍ଯ୍ୟ, ସୁମନ ସ୍ମିଥ୍ ଅଧିକାରୀ, ପବନ ଅଗ୍ରୱାଲ୍ ଓ ଅନମୋଲ୍ ଅଗ୍ରୱାଲ।

ଦୋକାନରେ ଅଯଥା ଗହଳି ନକରିବାକୁ ଅପିଲ୍ କଲେ ଏସ୍‌ଆର୍‌ସି

ଭୁବନେଶ୍ୱର,୦୩/୦୫ (ନି.ପ୍ର): ହାଟବଜାରରେ ଅଯଥାରେ ଗହଳି କରନ୍ତୁନି । କାମ ନଥିଲେ ବାହାରକୁ ବାହାରନ୍ତୁ ନାହିଁ । ଦୋକାନ ଆଗରେ ଭିଡ କରନ୍ତୁନାହିଁ କି ଗହଳି କରି ନିଜ ଜୀବନ ସହ ପରିବାରର ଜୀବନକୁ ବିପଦରେ ପକାନ୍ତୁ ନାହିଁ । ବୁଧବାର ଦିନ ସାରା ରାଜ୍ୟରେ ଲକଡାଉନ ଲାଗୁଥିବାରୁ ଏହା ପୂର୍ବରୁ ରାଜ୍ୟବାସୀଙ୍କୁ ସରକାରଙ୍କ ପକ୍ଷରୁ ସୂଚନା ଦେଇଛନ୍ତି ଏସଆରସି । ବୁଧବାର ତାଲାବନ୍ଦ ଥିବାରୁ କାଲେ ଜିନିଷପତ୍ର ନମିଳିବ ସେହି ଆଶଙ୍କାରେ ଆଜି ସକାଳ ଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବଜାର ହାଟରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା । ପରିବା ଦୋକାନ ଠାରୁ, ଗ୍ରୋସରୀ ଦୋକାନ ସବୁଠି ଲୋକ ଲାଇନ ଲଗାଇ ସଉଦା ବୋହି ନେଇଥିଲେ । ୧୫ ଦିନ ପାଇଁ ସାମଗ୍ରୀ କିଣିବାକୁ ଲୋକେ ପ୍ରସ୍ତୁତ ହୋଇ ଆସିଥିଲେ । କରୋନା କାଳରେ ଏହି ଭିଡ ଏକ ବିପଦର ଆଶଙ୍କାକୁ ଇସାରା କରୁଥିଲା । ତେବେ ଏବି ଭିଡ ଓ ଗହଳିର ଚିତ୍ର ସାରା ରାଜ୍ୟରୁ ଆସିବା ପରେ ରାଜ୍ୟବାସୀଙ୍କୁ ଏସଆରସି ଗହଳି ନକରିବାକୁ ଅନୁରୋଧ କରିଛନ୍ତି । ଏସଆରସି କହିଛନ୍ତି ବୁଧବାର ଲକଡାଉନ ପାଇଁ ଆଜିଠୁ ପ୍ରବଳ ଗହଳି ହେଉଛି । ଲୋକଙ୍କୁ ଅନୁରୋଧ ଦୋକାନ ଆଗରେ ଭିଡ କରନ୍ତୁନି । ସୋମବାର, ମଙ୍ଗଳବାର ଏହି ଦୁଇ ଦିନ ଦୋକାନ ଆଗରେ ଗହଳି କରନ୍ତୁନି । ଗହଳି କରିବା ଦ୍ୱାରା ସଂକ୍ରମଣର ଆଶଙ୍କା ରହିଛି । ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଜିନିଷ ଅଛି । ଅଯଥା ଗହଳି ସ୍ଥାନକୁ ଯାଆନ୍ତୁନି, ବିପଦକୁ ଡାକନ୍ତୁନି । ଲକଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଖୋଲା ରହିବ । ସୋମବାରରୁ ଶୁକ୍ରବାର ସକାଳ ୬ଟାରୁ ଦିନ ୧୨ଟା ଯାଏଁ ଖୋଲା ରହିବ । ମାତ୍ର ସବୁ ଶନିବାର, ରବିବାର ସଟଡାଉନ ରହିବ । ଅତି ଜରୁରୀ ନହେଲେ ଲକଡାଉନରେ ବାହାରକୁ ଯାଆନ୍ତୁନି । କୋଭିଡ ଟେଷ୍ଟ, ଟୀକା ନେବାକୁ ଗଲେ ମାସ୍କ ପିନ୍ଧି ଯାଆନ୍ତୁ ବୋଲି କହିଛନ୍ତି ଏସଆରସି ।

ଲକଡାଉନ୍ ପୂର୍ବରୁ ପ୍ରବଳ ଭିଡ

ମଦ ଦୋକାନ ଆଗରେ ଲମ୍ବା ଲାଇନ୍, ସଉଦା କିଣିବାକୁ ବି ବାହାରେ ଭିଡ କଲେ ଲୋକେ

ଭୁବନେଶ୍ୱର,୦୩/୦୫(ନି.ପ୍ର): ଆଗକୁ ଲକଡାଉନ, ମଦଦୋକାନ ଆଗରେ ଲାଗିଲା ଲମ୍ବା ଭିଡ । ରାଜଧାନୀର ବିଭିନ୍ନ ମଦଦୋକାନ ଆଗରେ ଲକଡାଉନ ଆଗରୁ ମଦ କିଣିବାକୁ ଲୋକଙ୍କ ଗହଳି ଦେଖିବାକୁ ମିଳିଛି । ବର୍ତମାନ ସରକାର ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଘରୁ ବାହାରକୁ ଯିବାକୁ ଅନୁରୋଧ କରୁଛନ୍ତି କିନ୍ତୁ ଲୋକ ମଦକୁ ଅତ୍ୟାବଶ୍ୟକ ସାମଗ୍ରୀ ଭାବି ଗହଳି କରୁଥିବା ଦେଖିବାକୁ ମିଳିଛି । କେବଳ ମଦ ଦୋକାନ ନୁହେଁ ସଉଦାପତ୍ର କିଣିବାକୁ ବଜାରରେ ଲାଗିଛି ପ୍ରବଳ ଭିଡ । ରାସନ ଦୋକାନ, ପରିବା ଦୋକାନ ଆଗରେ ଜମିଛି ଲୋକଙ୍କ ଗହଳି । ଲକଡାଉନ ପୂର୍ବରୁ ସମସ୍ତ ପ୍ରକାର ସଉଦାପତ୍ର କିଣି ଘରେ ମହଜୁଦ ରଖିବାକୁ ଚାହୁଁଛନ୍ତି ଲୋକ । ଯଦିଓ ଲକଡାଉନ ସମୟରେ ସକାଳ ୬ଟାରୁ ଦିନ ୧୨ଟା ଯାଏଁ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଅନୁମତି ରହିଛି, ତା ସତ୍ତ୍ୱେ ଲୋକଙ୍କ ଭିଡ ଜମିଛି । ଖାଲି ରାଜଧାନୀ ଭୁବନେଶ୍ୱର କି କଟକ ନୁହେଁ, ସମ୍ବଲପୁରରେ ବି ଦେଖିବାକୁ ମିଳିଛି ନାହିଁନଥିବା ଭିଡ । ସହରର ମୋଦିପଡା, ଗୋଲବଜାର, ଗୋବିନ୍ଦତୋଲା ଅଂଚଳରେ ଲୋକଙ୍କ ଭିଡ ଶୀତଳଷଷ୍ଠୀର ଭ୍ରମ ସୃଷ୍ଟି କରିଛି । ପୁରୀର ବିଭିନ୍ନ ବଜାରରେ ବି ଲୋକେ କରୋନା କଟକଣାକୁ ମାନିନାହାନ୍ତି । ଲାଗୁଛି ଯେମିତି ପ୍ରଶାସନ ହାତ ଟେକିଦେଇଛି । ସେପଟେ ଖୋର୍ଦ୍ଧାରେ କୋଭିଡ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ୫୧ରୁ ଅଧିକ ଦୋକାନ ସିଲ ହୋଇଛି ।

କରୋନା କବଳରେ ଆଇପିଏଲ

କୋଲକାତା ପରେ ଚେନ୍ନାଇର ୩ ସଦସ୍ୟ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୦୩/୦୫(ନି.ପ୍ର): ଆଇପିଏଲରେ ବଢିଚାଲିଛି କରୋନା ସଂକ୍ରମଣଙ୍କ ସଂଖ୍ୟା । କୋଲକାତା ନାଇଟ ରାଇଡର ପରେ ଚେନ୍ନାଇ ସୁପର କିଙ୍ଗସର ୩ ଜଣ ସଦସ୍ୟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାପରେ ବର୍ତ୍ତମାନ ଆଇପିଏଲ ହେବା ନହେବା ଉପରେ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତିରେ ଆଇପିଏଲ ଆୟୋଜନ କରିବା ଠିକ ହେବ ନା ବନ୍ଦ କରିଦିଆଯିବ ତାକୁ ନେଇ ବିଚାର ବିମର୍ଶ ଚାଲିଛି । ଆଜି ସିଏସକେର ସିଇଓ କାଶୀ ବିଶ୍ୱନାଥ, ବୋଲିଂ କୋଚ ଏଲ ବାଲାଜୀ ଓ ବସ କ୍ଲିନର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ହେଲେ ଟିମର ଅନ୍ୟ ସଦସ୍ୟ ଓ ଖେଳାଳିଙ୍କ ରିପୋର୍ଟ ନେଗେଟିଭ ରହିଛି । ଖେଳାଳିଙ୍କ କରୋନା ଟେଷ୍ଟ ଗତ ରବିବାର କରାଯାଇଥିଲା । ବୁଧବାର ସିଏସକେର ମ୍ୟାଚ ରାଜସ୍ଥାନ ସହ ରହିଛି । ଏହାମଧ୍ୟରେ ପ୍ରାକ୍ଟିସକୁ ମଧ୍ୟ ରଦ୍ଦ କରିଛି ସିଏସକେ । ସବୁଠୁ ବଡ କଥା ହେଉଛି କେକେଆରର ୨ ଜଣ ଖେଳାଳି କରୋନା ପଜିଟିଭ ଚିହ୍ନଟ ହେବା । ଏହା ବର୍ତ୍ତମାନ ବିସିସିଆଇର ଚିନ୍ତା ବଢାଇ ଦେଇଛି । କୋଲକାତାର ବରୁଣ ଚକ୍ରବର୍ତ୍ତୀ ଓ ସନ୍ଦିପ ୱାରିୟର ପଜିଟିଭ ଚିହ୍ନଟ ହୋଇଛନ୍ତି । ତେଣୁ ଆଜି ହେବାକୁ ଥିବା ବାଙ୍ଗାଲୋର ଓ କୋଲକାତା ମ୍ୟାଚକୁ ରଦ୍ଦ କରିଦିଆଯାଇଛି ।

ବିନା ପଂଜୀକରଣରେ ଟିକାଦାନ କେନ୍ଦ୍ରକୁ ଯାଆନ୍ତୁନାହିଁ

ଭୁବନେଶ୍ୱର,୦୩/୦୫ (ନି.ପ୍ର): ବିନା ପଂଜୀକରଣରେ ଟିକାଦାନ କେନ୍ଦ୍ରକୁ ଯାଆନ୍ତୁନାହିଁ ବୋଲି ପରାମର୍ଶ ଦେଇଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ। ସେ କହିଛନ୍ତି ଯେ ଟିକାକରଣ କେନ୍ଦ୍ରରେ ଗହଳି ଯୋଗୁଁ ସାମାଜିକ ଦୂରତା ରହୁନାହିଁ । ଆଗକୁ ଟିକାକରଣ କେନ୍ଦ୍ରର ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି। ସେ କହିଛନ୍ତି ଯେ ସୋମବାର ଠାରୁ ଭୁବନେଶ୍ୱରରେ ୧୮ରୁ ୪୪ ବର୍ଷ ବୟସ୍କମାନଙ୍କ ଟିକାକରଣ ଆରମ୍ଭ ହୋଇଛି। ୪୫ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟିକାକରଣ ମଧ୍ୟ ଜାରି ରହିଛି।

ସିଟି ସ୍କାନ କରିବା ବିପଦପୂର୍ଣ୍ଣ : ଡାକ୍ତର ଆର. ଗୁଲେରିଆ

ଭୁବନେଶ୍ୱର,୦୩/୦୫(ନି.ପ୍ର): କରୋନା ପାଇଁ ଲୋକେ ସିଟି ସ୍କାନ ବ୍ୟବହାର ପ୍ରସଙ୍ଗ । ସତର୍କ କଲେ ଏମ୍ସ ନିର୍ଦ୍ଦେଶକ ଡାକ୍ତର ଆର ଗୁଲେରିଆ । ଗୁଲେରିଆ କହିଛନ୍ତି ସିଟି ସ୍କାନ କରିବା ବିପଦପୂର୍ଣ୍ଣ ରହିଛି । ସାମାନ୍ୟ ଲକ୍ଷଣ ଥିଲେ ସିଟି ସ୍କାନ କଲେ କିଛି ଫାଇଦା ମିଳିବନି । ଥରେ ସିଟି ସ୍କାନ କରିବା ଅର୍ଥ ୩୦୦ ଥର ଛାତି ଏକ୍ସରେ କରିବା ସହ ସମାନ । ତେଣୁ ସିଟି ସ୍କାନ ଶରୀର ପାଇଁ କ୍ଷତିକାରକ । ଗୁଲେରିଆ କହିଛନ୍ତି ଯେ ତଥ୍ୟରୁ ଜଣାପଡିଛି ଯେ ଲୋକମାନେ ପ୍ରତି ୩ଦିନରେ ସିଟି ସ୍କାନ କରୁଛନ୍ତି । ଯଦି ଆପଣ ଠିକ ଅଛନ୍ତି ହେଲେ ସାମାନ୍ୟ ଲକ୍ଷଣ ଦେଖାଯାଉଛି, ତେବେ ଆପଣଙ୍କର ସିଟି ସ୍କାନ କରିବାର କୌଣସି ଆବଶ୍ୟକତା ନାହିଁ । ସୋମବାର କେନ୍ଦ୍ର ସରକାରଙ୍କ ପ୍ରେସ କନଫରେନ୍ସ ବେଳେ ଏହି ପ୍ରତିକ୍ରିୟା ଦେଇଥିଲେ ଡାକ୍ତର ଆର ଗୁଲେରିଆ । ଏହାସହ କହିଛନ୍ତି ଯେ ହୋମ ଆଇସୋଲେସନରେ ରହୁଥିବା ଲୋକମାନେ ନିଜ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ । ସାଚୁରେଶନ ୯୩ କିମ୍ବା ତା ତଳକୁ ହେଲେ, ଅଚେତ ଭଳି ଅବସ୍ଥା ହେଲେ, ଛାତିରେ ଯନ୍ତ୍ରଣା ଅନୁଭବ କଲେ ମଧ୍ୟ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ।

ଆଇଏଫ୍‌ଏସ୍ ଅଭୟକାନ୍ତ ପାଠକଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୦୩/୦୫ (ନି.ପ୍ର): ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ୧୯୮୭ ବ୍ୟାଚର ଏହି ଆଇଏଫ୍‌ଏସ୍ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ରାଜ୍ୟ ସରକାର କରିଥିବା ସୁପାରିଶ ଉପରେ ମୋହର ମାରିଛନ୍ତି ରାଷ୍ଟ୍ରପତି। ଉଲ୍ଲେଖ୍ୟଯୋଗ୍ୟ ଯେ ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଆଇଏଫ୍‌ଏସ୍ ଅଭୟକାନ୍ତ ପାଠକଙ୍କୁ ଗତବର୍ଷ ଗିରଫ କରିଥିଲା ଭିଜିଲାନ୍ସ। ସେହିପରି ତାଙ୍କ ପୁଅ ଆକାଶ ପାଠକ ନିଜକୁ ଟାଟା ମୋଟର୍ସର ଏମ୍‌ଡି ରୂପେ ପରିଚୟ ଦେଇ ଗଞ୍ଜାମ ଜିଲ୍ଲାର ବହୁ ଯୁବକ ଯୁବତୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। କ୍ରାଇମବ୍ରାଂଚ ଏହି ଘଟଣାର ତଦନ୍ତ କରୁଛି। ଉଭୟ ପାଠକ ବାପପୁଅ ଏବେ ଜେଲରେ ଅଛନ୍ତି।

ଗୋଟିଏ ଦିନରେ ୮୯୧୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୩/୦୫(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୯୧୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୭୧୫୩୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୯୭୫୭୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୧୮୩୫ ରହିଛି । ଆଜି ଚିହ୍ନଟ ହୋଇଥିବା ୮୯୧୪ ଜଣଙ୍କ ମଧ୍ୟରୁ ୫୦୮୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୮୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୨୭୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୭୯ ଜଣ, ବରଗଡ଼ରୁ ୪୫୨ ଜଣ, ଭଦ୍ରକରୁ ୩୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୭୫, କଟକରୁ ୫୮୭ ଜଣ, ଦେବଗଡ ଜିଲ୍ଲାରୁ ୧୦୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୪୯ ଜଣ, ଗଜପତି ଜିଲ୍ଲାରୁ ୧୬୫, ଗଞ୍ଜାମରୁ ୨୬୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୯ ଜଣ, ଯାଜପୁରରୁ ୨୩୨ ଜଣ, ଝାରସୁଗୁଡ଼ାରୁ ୩୦୪ ଜଣ, କଳାହାଣ୍ଡିରୁ ୨୩୬ ଜଣ, କନ୍ଧମାଳ ଜିଲ୍ଲାରୁ ୬୨ ଜଣ. କେନ୍ଦ୍ରାପଡ଼ାରୁ ୧୩୨ ଜଣ, ▶▶ପୃଷ୍ଠା ୭

ସବୁବେଳେ ଲୋକମାନଙ୍କ ସେବାରେ ସୁବାସ ସାହୁ

ବାସୁଦେବପୁର, ୩/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ଯାହାର ଘର ସେ ହେଉଛନ୍ତି ସମାଜବାଦୀ ଓ ବ୍ୟବସାୟୀ ସୁବାସ ଚନ୍ଦ୍ର ସାହୁ । ବର୍ତ୍ତମାନ ବୟସ ତାଙ୍କର ୫୯ବର୍ଷ । ପତ୍ନୀ ଅନ୍ନପୂର୍ଣ୍ଣା ଓ ଦୁଇପୁଅ ଏବଂ ଏକ ଝିଅଙ୍କୁ ନେଇ ସୁବାସଙ୍କ ସଂସାର । ସବୁବେଳେ ଲୋକମାନଙ୍କ ସେବାରେ ସେ ରହିଥାନ୍ତି । ବର୍ତ୍ତମାନ ନରସିଂହପୁର ପଞ୍ଚାୟତରେ ବସଷ୍ଟାଣ୍ଡରେ ଯେଉଁ ଜଳଛତ୍ର ଖୋଲାଯାଇଛି ସେଠାରେ ସୁବାସ ବାବୁ ଲୋକମାନଙ୍କୁ ଡାକି ଜଳଦାନ କରନ୍ତି । ଏହା ବ୍ୟତୀତ ସେ ନଡ଼ିଆ, ଡାବ, ତେଲଭାଜି, ଚା ପ୍ରଭୃତି ବିଭିନ୍ନ ଜିନିଷ ବିକ୍ରି କରିଥାନ୍ତି । ଅନେକ ଦୁଃଖୀ ଗରିବ ଲୋକମାନଙ୍କୁ ସୁବାସ ବାବୁ ସାହାଯ୍ୟ ସହଯୋଗ କରିଥାନ୍ତି । ତାଙ୍କର ଦୋକାନ ଏକ ଆଶସ୍ଥଳ ଭଳି ଲାଗୁଛି । କିଛି ଗରିବ ଲୋକ ଆସି ଏଠାରେ ଓ ତେଜରାତି ଦୋକାନୀ ରମାପାଢ଼ୀଙ୍କ ପାଖରେ ରାତିରେ ବିଶ୍ରାମ ନିଅନ୍ତି । ୧୯୯୯ ମସିହାରେ ସୁବାସ ସାହୁଙ୍କର କାରିଗରି ଥିଲା ଦୋକାନ ସୁନା ଓ ରୂପା । ରିପେଆରିଂ କରୁଥିଲେ । ତା ପରେ ଏହା ବଳ ହୋଇଗଲା । ପୁଣି ସେ ବିଦେଶ ଗଲେ । ଜୀବନଜୀବିକା ଖୋଜିବା ପାଇଁ ପୁଣି ସେ କର୍ମକ୍ଷେତ୍ରରେ ବାହାରି ପଡ଼ିଲେ । ବହୁବର୍ଷ ପୂର୍ବରୁ ସୁବାସ ସାହୁ ସୁନ୍ଦର ଅଭିନୟ କରୁଥିଲେ । କମେଡି ଆର୍ଟିଷ୍ଟ ଭାବରେ ସେ ଡୁଏଟ ଦେଉଥିଲେ । ଭଲ ତବଲା ବଜାଇ ପାରନ୍ତି ଶ୍ରୀ ସାହୁ । ମୃଦଙ୍ଗ ବଜାନ୍ତି ଓ ଅଷ୍ଟମ ପ୍ରହରୀରେ ଈଶ୍ୱରଙ୍କ ନାମ ଧରନ୍ତି । ଚଢ଼େୟା ଚଢ଼େୟାଣୀ'ରେ ସେ ଭଲ ଗୀତ ଗାଇ ଅଭିନୟ କରି ନାଚିଥିଲେ । ଯାହାକୁ ଜୀବନରେ ଭୁଲି ହେବନାହିଁ । ଖୁବ ସୁନ୍ଦର କଳାକାର ସୁବାସ ବାବୁ । ଆମର ବାସୁଦେବପୁର ବ୍ଲକର 'ଧ୍ୱନିପ୍ରତିଧ୍ୱନି' ସାମ୍ବାଦିକ ପ୍ରଦୀପ୍ତ ମହାନ୍ତିଙ୍କୁ ସେ ନିଜର ଦୁଃଖପୂର୍ଣ୍ଣ ଜୀବନ ସଂପର୍କରେ ଅନେକ କଥା ବଖାଣିଛନ୍ତି । ଶ୍ରୀ ସାହୁ କୁହନ୍ତି ମୋର ଭବିଷ୍ୟତ ଲକ୍ଷ୍ୟ ଲୋକମାନଙ୍କ ସେବା କରି ଚାଲିବି ଜୀବନ ଥିବା ପର୍ଯ୍ୟନ୍ତ । ଛୋଟ ବ୍ୟବସାୟ କଲେ ମଧ୍ୟ ଶ୍ରୀ ସାହୁ ସବୁବେଳେ ଲୋକମାନଙ୍କର ମଙ୍ଗଳକାମନା କରନ୍ତି ଓ ସମସ୍ତଙ୍କୁ ସାହାଯ୍ୟ କରନ୍ତି । ରାଜ୍ୟ ସରକାରଙ୍କ ତରଫରୁ ବିଶେଷ କିଛି ସୁବିଧା ସହଯୋଗ ମିଳିଲେ ସେ ଅଧିକ ଆଗେଇ ପାରନ୍ତେ ।

ମଇ ୧ରୁ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ହେଲା

ବାରିପଦା, ୩/୫ (ନି.ପ୍ର): ଫେରିଛି କରୋନା ମହାମାରୀର ଦ୍ୱିତୀୟ ଲହର । ଟ୍ରିପଲ ମ୍ୟୁଟାଂଟ ଷ୍ଟ୍ରେନ୍ ଘାତକ ରୂପ ଧାରଣ କରିଛି ଓ ଏହାର ପ୍ରଭାବରେ ଛଟପଟ ହେବାରେ ଲାଗିଛନ୍ତି ଜନସାଧାରଣ । ବିଶ୍ୱ ମହାମାରୀ କରୋନା ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି । ସାଧାରଣତଃ ବର୍ଷା ଋତୁକୁ ଦୃଷ୍ଟିରେ ରଖାଯାଇ ପ୍ରତିବର୍ଷ ଜୁନ ୧୬ ତାରିଖଠାରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ରଖାଯାଇଥାଏ । ଏହି ସମୟ ମଧ୍ୟରେ କୌଣସି ପର୍ଯ୍ୟଟକଙ୍କୁ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ନିମନ୍ତେ ଅନୁମତି ମିଳିନଥାଏ । କିନ୍ତୁ , ଚଳିତ ବର୍ଷ କରୋନା ମହାମାରୀ କାରଣରୁ ମେ ୧ରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ରଖାଗଲା ଏବଂ ପୁଣି ଥରେ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ନିମନ୍ତେ କେବେ ଖୋଲା ଯିବ ସେ ସମ୍ପର୍କରେ ନୋଟିଫିକେସନ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇ ଦିଆଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ବିଭାଗର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଂଚଳିକ ବନ ମୁଖ୍ୟ ସଂରକ୍ଷକ ଯୁଗ ଦୟାନନ୍ଦଙ୍କ ସୂତ୍ରରୁ ସୂଚନା ମିଳିଛି ।

ବାହାଘର ଦେଖି ଫେରିବା ବେଳେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୩ ଗିରଫ

କନ୍ଧମାଳ, ୩/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳରେ ଜଣେ ନାବାଳିକା ବାହାଘର ଦେଖି ଫେରିବାବେଳେ ତାକୁ ବାଇକରେ ଅପହରଣ କରି ତା ସହିତ ଗଣ ଦୁଷ୍କର୍ମ କରିଥିବା ଅଭିଯୋଗରେ ଫିରିଙ୍ଗିଆ ଥାନା ପୋଲିସ ଆଜି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନା ଅନୁସାରେ ଗତ ୨୮/୦୪/୨୦୨୧ ତାରିଖରେ ପୀଡିତା ନାବାଳିକା ଜଣକ ବାହାଘର ଦେଖି ଘରକୁ ଫେରୁଥିବାବେଳେ ଫିରିଙ୍ଗିଆ ଥାନା ଅଂଚଳର ଜାଇଲାମ୍ବାର ସୁକାନ୍ତ କହଁର ଏବଂ ବେହେଙ୍ଗିଆ ଗାଁର ସରୋଜ କହଁର ଓ ମହେଶ୍ୱର କହଁର ଏକ ବାଇକରେ ନାବାଳିକାକୁ ଅପହରଣ କରି ଭୁଙ୍ଗିଜୋଡି ଗାଁର ନିକଟରେ ଥିବା ଏକ ଜଙ୍ଗଲକୁ ନେଇଯାଇ ସେଠାରେ ନାବାଳିକା ସହିତ ଜଣକପରେ ଜଣେ ଦୁଷ୍କର୍ମ କରିଥିଲେ । କିଛି ସମୟପରେ ସେଠାରେ ଆଉ ଜଣେ ପହଂଚି ସେ ମଧ୍ୟ ନାବାଳିକା ସହିତ ଦୁଷ୍କର୍ମ କରିଥିଲା । ଏହାପରେ ସେମାନେ ନାବାଳିକାକୁ ଆହତ ଏବଂ ଅସହାୟ ଅବସ୍ଥାରେ ଛାଡି ଯାଇଥିଲେ । ପୀଡିତା ଜଣକ ଯେକୌଣସି ପ୍ରକାରେ ନିଜ ଘରକୁ ଯାଇ ପରିବାର ଲୋକଙ୍କୁ ସବୁ କହିଥିଲା । ପୀଡିତା ବାପା ୩୦ ତାରିଖ ଦିନ ଫିରିଙ୍ଗିଆ ଥାନାରେ ଏହି ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲେ । ଫିରିଙ୍ଗିଆ ଥାନା ପୋଲିସ ଏକ ମାମଲା ୫୩/୨୧ ରୁଜୁ କରି ଅଭିଯୁକ୍ତମାନଙ୍କୁ ଖୋଜାଖୋଜି କରିବା ଆରମ୍ଭ କରିଥିଲା । ଶନିବାର ପୋଲିସ ଅଭିଯୁକ୍ତ ସରୋଜ କହଁର, ମହେଶ୍ୱର କହଁର ଏବଂ ସୁକାନ୍ତ କହଁରକୁ ଗିରଫ କରି ଆଜି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ କହଛନ୍ତି ।

ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ୫ ଟି ସଚିବ:ଏକ ଶହ ବିଦ୍ୟାଳୟ ସାମିଲ

କେନ୍ଦୁଝର, ୩/୫ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ୫ ଟି ସଚିବ ଭି.କେ. ପାଣ୍ଡିଆନ୍ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୦୦ ଟି ଉଚ୍ଚ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଲୋକ ସେବା ଭବନରୁ ଭିଡିଓ କନଫରେନସିଂ ଜରିଆରେ ୫ ଟି ସଚିବ ଭି.କେ. ପାଣ୍ଡିଆନ୍ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ଏହି କାର୍ଯ୍ୟକ୍ରମ ଉଚ୍ଚ ବିଦ୍ୟାଳୟମାନଙ୍କରେ ଉନ୍ନତମାନର ଶିକ୍ଷା ପ୍ରଦାନ ଓ ଶିକ୍ଷା ଗ୍ରହଣ ପରିବେଶ ସୃଷ୍ଟି କରି ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି କହିଥିଲେ। ଉଦ୍‌ବୋଧନ ଛଳରେ ୫ ଟି ସଚିବ ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ବିଦ୍ୟାଳୟ ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ମାନସ ସନ୍ତାନ। ଶିକ୍ଷାର ବିକାଶ ହିଁ ସମାଜ ଓ ଦେଶର ବିକାଶ। ନୂଆ ଓଡିଶାର ପରିକଳ୍ପନାକୁ ସାକାର କରିବାକୁ ହେଲେ ଶିକ୍ଷାର ବିକାଶ ନିହାତି ଆବଶ୍ୟକ। ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ମହତ ସ୍ୱପ୍ନକୁ ସାକାର କରିବ ବୋଲି କହିଥିଲେ। ଏତଦ୍‌ବ୍ୟତୀତ ୫ ଟି ସଚିବ କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯେଉଁ କୌଶଳ ଅବଲମ୍ବନ କରିଛନ୍ତି ତାହାକୁ ମିଳିତ ଜାତିସଂଘ ଓ ବିଶ୍ୱ ପ୍ରଶଂସା କରୁଛି। ଏହାହିଁ ପ୍ରକୃତରେ ରୂପାନ୍ତରୀକରଣ। ୫ ଟି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା କ୍ଷେତ୍ରରେ ଠିକ୍ ଏହିପରି ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀ ଚାହାନ୍ତି ବୋଲି ୫ ଟି ସଚିବ ଶ୍ରୀ ପାଣ୍ଡିଆନ୍ କହିଥିଲେ। ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାଳୟମାନଙ୍କରେ ଅତ୍ୟାଧୁନିକ ସୁବିଧା ଯଥା- ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ରିଡିଂ ରୁମ୍, ବିଜ୍ଞାନଗାର, ଖେଳ ସାମଗ୍ରୀ, କ୍ରୀଡା ଭିତିଭୂମି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଉପଲବ୍ଧ କରାଯିବ। ଏହାଦ୍ୱାରା ବିଦ୍ୟାଳୟଗୁଡିକ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ହୋଇପାରିବ। ଶିକ୍ଷକମାନଙ୍କ ତାଲିମ ଓ ଦକ୍ଷତା ବୃଦ୍ଧି ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଅଂଶବିଶେଷ ବୋଲି କହିଥିଲେ। ଏହି ଉପଲକ୍ଷେ ଜିଲ୍ଲା ଓ ବ୍ଲକ ସ୍ତରରେ ଭିଡିଓ କନଫରେନସିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଆଶିଷ ଠାକ୍‌ରେ ପ୍ରାରମ୍ଭରେ ୫ ଟି ସଚିବଙ୍କୁ ସ୍ୱାଗତ ସମ୍ଭାଷଣ କରି କେନ୍ଦୁଝର ଜିଲ୍ଲା ପାଇଁ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ କୃତଜ୍ଞତା ଜଣାଇଥିଲେ ଏବଂ ରୂପାନ୍ତରୀକରଣ କାର୍ଯ୍ୟକ୍ରମର 'ଭିଜନ ଡକ୍ୟୁମେଟ' ' ଉନ୍ମୋଚନ କରିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ୫ ଟି ସଚିବ ଜିଲ୍ଲାସ୍ତରରେ ଯୋଗ ଦେଇଥିବା ଅଧିକାରୀ, ବ୍ଲକ ସ୍ତରରେ ଯୋଗ ଦେଇଥିବା ଅଧିକାରୀ, ପ୍ରଧାନଶିକ୍ଷକ, ଛାତ୍ରଛାତ୍ରୀ, ପଚାଂୟତିରାଜ ଅନୁଷ୍ଠାନର ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା, ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ବାର୍ତାଳାପ କରି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସେମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରିଥିଲେ ଏବଂ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲାସ୍ତରରେ ଆୟୋଜିତ ଭିଡିଓ କନଫରେନସିଂ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ଜୟଶ୍ରୀ ବେଉରା, ଜିଲ୍ଲା ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ସାହୁ, ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଦୁର୍ଗାପ୍ରସନ୍ନ ଲାୟକ ଉପସ୍ଥିତ ରହିଥିବାବେଳେ ବ୍ଲକସ୍ତରରେ ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ସଂପୃକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ / ଶିକ୍ଷୟିତ୍ରୀ, ପଚାଂୟତିରାଜ ଅନୁଷ୍ଠାନର ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଭାଗ ନେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କୋଭିଡ୍ ପରିଚାଳନା ନେଇ ସମୀକ୍ଷା କଲେ ପୁଲିସ ଡିଜି ଅଭୟ

ରାଉରକେଲା, ୩/୫ (ନି.ପ୍ର): ପଶ୍ଚିମାଚଂଳରେ କୋଭିଡ ସ୍ଥିତି ଧିରେ ଧିରେ ବିଗୁଡୁଥିବା ବେଳେ ଓଡିଶାର ଅନ୍ୟ ସ୍ଥାନରେ ସ୍ଥିତି ବିଗିଡ଼ି ଚାଲିଛି । ଏହାକୁ ଦେଖି ରାଜ୍ୟ ସରକାର ୧୪ ଦିନିଆ ଲକଡାଉନ ଘୋଷଣା କରିଥିବା ବେଳେ ରାଉରକେଲା ସମେତ ପଡୋଶି ପୁଲିସ ଜିଲ୍ଲାରେ କୋଭିଡ୍ ପରିଚାଳନା କେମିତି ଚାଲିଛି ତାହାର ସରଜମିନ ସମିକ୍ଷା କରିବା ଲାଗି ଆଜି ଓଡିଶା ପୁଲିସ ଡିଜି ଶ୍ରୀ ଅଭୟ ଆଜି ରାଉରକେଲାରେ ପହଁଚି ସମିକ୍ଷା କରିଛନ୍ତି । ଶ୍ରୀ ଅଭୟ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଆଜି ରାଉରକେଲାରେ ପହଁଚି ରାଉରକେଲା ମିଡିଆକୁ ଭେଟିଥିଲେ । ସେ କହିଥିଲେ ରାଜ୍ୟ ସରକାର ଯେଉଁଭଳି ଏହି ସ୍ଥିତିକୁ ପରିଚାଳନା କରିବାକୁ କହିଥିଲେ ସେହି ଭଳି ସମସ୍ତ କାମ ପୁଲିସ ଚଳାଇଛି । ବିଶେଷ କରି ଅକ୍ସିଜେନ ଗାଡି ଗୁଡିକ କିଭଳି ତାର ଗନ୍ତବ୍ୟ ଯାଗାରେ ପହଁଚିବ ତାହାର ବ୍ୟବସ୍ଥା ପୁଲିସ ପକ୍ଷରୁ କରାଯାଉଛି । ମୁଖ୍ୟମନ୍ତ୍ରୀ କହିବା ଅନୁଶାରେ ଲୋକଙ୍କୁ ମାସ୍କ ପିନ୍ଧାରେ ଅଭ୍ୟାସ କରାଇ ସଚେତନ କରିବା ଓ ସାମଜିକ ଦୂରତା ଲାଗି ସଚେତନ କରାଇବା ଦିଗରେ ପୁଲିସ କାର୍ଯ୍ୟ କରୁଛି, ଲୋକେ ମଧ୍ୟ ଅନେକ ଜରିମାନା ଦେଇଛନ୍ତି । ପରେ ସେ ରାଉରକେଲା, ସୁନ୍ଦରଗଡ଼, ରେଳବାଇ ପୁଲିସ, ଝାରସୁଗୁଡ଼ା ଓ ସମ୍ବଲପୁରର ପୁଲିସ ଅଧିକାରୀ ମାନଙ୍କ ସହ କୋଭିଡ ପରିଚାଳନା କେମିତି ଚାଲିଛି ପଚାରି ବୁଝିଥିଲେ । ଏହି ସମୟରେ ବିଶେଷ କରି ସିମାନ୍ତ ଅଂଚଳରେ କୋଭିଡ ପରିଚାଳନା ନେଇ କିଭଳି କାମ ଚାଲିଛି ତାକୁ ମଧ୍ୟ ପଚାରି ବୁଝିଥିଲେ । ପରେ ପରେ ସେ ଚତୁର୍ଥ ବାଟାଲିଆନ ରାଉରକେଲା କ୍ୟାମ୍ପସକୁ ପରିଦର୍ଶନରେ ଯାଇଥିଲେ ।

ସାମ୍ବାଦିକଙ୍କୁ କରୋନା ଯୋଦ୍ଧା ଘୋଷଣା: ଭଦ୍ରକ ଜିଲ୍ଲା ସାମ୍ବାଦିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଭଦ୍ରକ, ୩/୫ (ହି.ସ.) - ରାଜ୍ୟର ୬୯୪୪ ଜଣ ସାମ୍ବାଦିକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଯୋଦ୍ଧାର ମାନ୍ୟତା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏତାଦୃଶ ଘୋଷଣାକୁ ଭଦ୍ରକ ଜିଲା ସାମ୍ବାଦିକମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଅତୀତରେ ସ୍ୱାସ୍ଥ୍ୟବୀମା ପ୍ରଦାନ ସମେତ କରୋନା ଆକ୍ରାନ୍ତ ଜନିତ ମୃତ୍ୟୁ କ୍ଷେତ୍ରରେ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରି ସାମ୍ବାଦିକଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନିଜର ସମ୍ବେଦନଶୀଳ ପ୍ରକଟ କରିଛନ୍ତି। ପରବର୍ତ୍ତୀ ସମୟରେ ଏହି ଘୋଷଣା ଆଧାରରେ ମୃତାହତ ସାମ୍ବାଦିକମାନେ ମଧ୍ୟ ଉପକୃତ ହୋଇଛନ୍ତି। ମାତ୍ର କରୋନା ଯୋଦ୍ଧାଙ୍କ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରି ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟୀକା ପ୍ରଦାନ କରିଥିବାବେଳେ ସାମ୍ବାଦିକଙ୍କ କ୍ଷେତ୍ରରେ ୧୫ ଲକ୍ଷ ଟଙ୍କାର ପୂର୍ବ ଘୋଷଣାକୁ ଅପରିବର୍ତ୍ତିତ ରଖିବା ଦୁର୍ଭାଗ୍ୟଜନକ। କରୋନା ଯୁଦ୍ଧରେ ସମ୍ମୁଖ ଭାଗରେ ରହି ସମାଜ ସଚେତନତା ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ସାମ୍ବାଦିକମାନଙ୍କ ପ୍ରତି ସରକାର ଅଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରିବା ଉଚିତ୍। ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ଅଗ୍ରାଧିକାର ଭିତ୍ତିରେ ଟୀକା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି ରଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ଲକ୍, ଉପଖଣ୍ଡ ଓ ସହରାଞ୍ଚଳରେ ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଟୀକାକରଣରେ ସାମିଲ କରିବା ଓ ଅନ୍ୟାନ୍ୟ କରୋନା ଯୋଦ୍ଧାଙ୍କ ଭଳି ଅନୁକମ୍ପା ରାଶି ୫୦ ଲକ୍ଷକୁ ବୃଦ୍ଧି କରିବା ତଥା ସ୍ୱାସ୍ଥ୍ୟବୀମା ଯୋଜନାରୁ ବାଦ୍ ପଡିଥିବା ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ତଥା ୱେବ୍ ଚ୍ୟାନେଲ ପ୍ରତିନିଧିମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବାକୁ ସାମ୍ବାଦିକ ନିହାର ଦାସ, ଭଜଗୋବିନ୍ଦ ଜେନା, ପ୍ରମୋଦ ରାୟ, ନନ୍ଦଦୁଲାଲ ଦାସ, ପ୍ରତାପ ଦାସ, ଅମର ନାୟକ, ସ୍ମୃତିରଂଜନ ସାହୁ, ରବିନାରାୟଣ ଖିଲାର, ହରିହର ନାୟକ, ଉମାକଲ୍ୟାଣ ମହାପାତ୍ର, ଅଶୋକ ନାୟକ, ତପନ ମିଶ୍ର, ତପନ ସ୍ୱାଇଁ, ଚାରୁଦତ୍ତ ନାୟକ, ଅବିନାଶ ପଣ୍ଡା, ଜ୍ଞାନପ୍ରକାଶ ପାଣି, ଗୌରହରି ନାୟକ, ସୁକାନ୍ତ ମହାନ୍ତି, ଶିବାନନ୍ଦ ଦାସ, ରାଜେନ୍ଦ୍ର ଜେନା, ଶଶିଭୂଷଣ ସ୍ୱାମୀ, ସତ୍ୟଭୂଷଣ ସ୍ୱାମୀ, ଜଗବନ୍ଧୁ ବେହେରା, ପାର୍ଥସାରଥୀ ନାୟକ, ଦେବାଶିଷ ମହାପାତ୍ର, ନରେନ୍ଦ୍ର ସାମଲ, ପ୍ରିୟଦର୍ଶନ ବୋଇତି, ରାଜେଶ ଦାସ, ରାକେଶ ଦାସ, ସ୍ନିଗ୍ଧା ରାୟ, ସିପ୍ରା ରାୟ, ଅଂଜଳି ଲେଙ୍କା, ଶୁଭେନ୍ଦୁ ଧଳ, ଦୁର୍ଗାଚରଣ ସାମଲ, ଅମ୍ଳାନ କୁମାର ପଣ୍ଡା, ତପନ ସାହୁ, ଅଭିରାମ ମିଶ୍ର, ମାନସ ପଣ୍ଡା, ଅଜୟ ପଣ୍ଡା, ଚିନ୍ମୟ ମାଝୀ, ସୌମ୍ୟରଂଜନ ପାଢୀ, ରମେଶ ପାଗଳ, ଲାଲା ପ୍ରମୋଦ ରାୟ, ବିଦ୍ୟାଧର ସାହୁ, ସମ୍ବିତ ନାୟକ, ନାରାୟଣ ବାରିକ, ନବକିଶୋର ସ୍ୱାଇଁ ପ୍ରମୁଖ ଦାବି ରଖିବା ସହ ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିଥିବାରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରାଯାଇଛି।

ଭାରତୀୟ ମାନବଧିକାର ପରିଷଦ ପକ୍ଷରୁ ମୃତ ସଦସ୍ୟଙ୍କ ପରିବାରକୁ ସହାୟତା

କେନ୍ଦ୍ରାପଡ଼ା, ୩/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ସୁନିତୀ ଗ୍ରାମର ହରେନ ପ୍ରଧାନଙ୍କର ୪୦ବର୍ଷ ବୟସରେ ବିୟୋଗ ହୋଇଯାଇଛି। ଗତାୟୁ ସ୍ୱର୍ଗତ ପ୍ରଧାନ ଭାରତୀୟ ମାନବଧିକାର ପରିଷଦର ମହାକାଳପଡା ସମ୍ପାଦକ ଥିଲେ । ତାଙ୍କ ବିୟୋଗରେ ଭାରତୀୟ ମାନବଧିକାର ପରିଷଦ ପକ୍ଷରୁ ସ୍ୱର୍ଗତ ପ୍ରଧାନଙ୍କ ପତ୍ନୀ ନମିତା ମାଇତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପରିଷଦର ଜାତ

ଅଜବ ବିଶ୍ୱାସର ମନ୍ଦିର

ଭାରତର ବିଭିନ୍ନ ସ୍ଥାନରେ ରହିଛି ଏପରି ମନ୍ଦିର, ଯାହାର ପରମ୍ପରା ଆଉ ବିଶ୍ୱାସ କାହାକୁ ବି ଚକିତ କରିଦେବ....

ଲଙ୍କାଗୁଣ୍ଡ ବୋଳିହୋଇ ନିଆଁରେ ଚାଲନ୍ତି ଭକ୍ତ :

ଭାରତର ବିଭିନ୍ନ ମନ୍ଦିରରେ ଭିନ୍ନଭିନ୍ନ ପରମ୍ପରା ଦୃଷ୍ଟି ଗୋଚର ହୋଇଥାଏ । ବେଳେବେଳେ ଏହା ଆଧୁନିକ ବିଜ୍ଞାନକୁ ଚ୍ୟାଲେଞ୍ଜ କରିଥାଏ । ମାତ୍ର ଏହା ରହସ୍ୟ ଖୋଜିବାକୁ ବିଜ୍ଞାନ ସକ୍ଷମ ହୋଇପାରେନା । ଏଭଳି ଏକ ଅଜବ ପରମ୍ପରା ତାମିଲନାଡୁ ଇଦ୍ୱାଞ୍ଚୱାଡି ଗାଁରେ ଥିବା ବର୍ନାମୁର୍ତ୍ତୁ ମରିୟମନ୍ ମନ୍ଦିରରେ ଅତି ପ୍ରାଚୀନ କାଳରୁ ଚଳି ଆସୁଛି । ଏଠାରେ ପ୍ରତିବର୍ଷ ୮ ଦିନ ବ୍ୟାପି ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ଏହି ଅବସରରେ ମନ୍ଦିରର ତିନି ପ୍ରମୁଖ ଭକ୍ତଙ୍କୁ ଲଣ୍ଡା କରାଯାଇ ସେମାନଙ୍କ ଶରୀରରେ ଚନ୍ଦନ, କୁଙ୍କୁମ, ଅତର, ହଳଦୀ ସହିତ ଲାଲ୍ ଲଙ୍କାଗୁଣ୍ଡ ବୋଳି ଦିଆଯାଇଥାଏ । ସେମାନଙ୍କୁ କିଛି ଗୁଣ୍ଡ ମଧ୍ୟ ସେବନ କରିବାକୁ ଦିଆଯାଇଥାଏ । ସେଠାରେ ସେମାନଙ୍କୁ ଜଳୁଥିବା ଅଙ୍ଗାରରେ ଚାଲିବାକୁ ହୋଇଥାଏ । ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଉତ୍ସବକୁ ଲଙ୍କା ଅଭିଷେକ କୁହାଯାଇଥାଏ ।

ପ୍ରେମିକ ପ୍ରେମିକାଙ୍କ ବିଚ୍ଛେଦ ପାଇଁ ହୁଏ ପୂଜା :

ଉତ୍ତରପ୍ରଦେଶ ସାହାରନ ପୁରରେ ରହିଛି ଶ୍ରୀବାଲାଜୀ ମହାରାଜଙ୍କ ମନ୍ଦିର । ମନ୍ଦିରରେ ହନୁମାନଙ୍କ ବାଳ ସ୍ୱରୂପ ପୂଜା ହୋଇଥାନ୍ତି । ଏଠାରେ ଯୁବତୀ ଯୁବକଙ୍କ ମୁଣ୍ଡରେ ପ୍ରେମ ନିଶା ଉତ୍ତରିବା ଲାଗି କରାଯାଇଥାଏ ପୂଜା । ସେଥିପାଇଁ ଏଠାରେ କୌଣସି ପ୍ରେମୀଯୁଗଳ ପାଦ ପକାଇ ନଥାନ୍ତି । ପରିବାରର ଇଚ୍ଛା ବିରୋଧରେ ପ୍ରେମ ବିବାହ କରିବାକୁ ଜିଦ୍ ଧରିଥିବା ଯୁବତୀ ଯୁବକଙ୍କ ସମ୍ପର୍କୀୟ ମନ୍ଦିରରେ ଆସି ପୂଜାର୍ଚ୍ଚନା କଲେ ସୁଫଳ ମିଳିଥାଏ ବୋଲି ରହିଛି ବିଶ୍ୱାସ । ପୂଜା ପରେ ଆଶ୍ଚର୍ଯ୍ୟ ଭାବେ ଯୁବତୀ ଯୁବକମାନେ ନିଜ ଜିଦ୍‌ରୁ ଓହରି ଆସି ପରିବାର ଇଚ୍ଛାନୁସାରେ ବିବାହ କରୁଥିବା ସ୍ଥାନୀୟ ଲୋକେ କୁହନ୍ତି । ପ୍ରତି ମଙ୍ଗଳବାର ମନ୍ଦିରରେ ଏଥିଲାଗି ସ୍ୱତନ୍ତ୍ର ପୂଜା କରାଯାଇଥାଏ ।

ସ୍ତନକର୍କଟ ନହେବା ପାଇଁ ହୁଏ ପୂଜା :

ଏବେ ବି ଆସନ୍ତା ଅଶ୍ୱତ୍ଥମା :

ମହାଭାରତର ଅଶ୍ୱତ୍ଥମା ଆଜି ବି ମା'ଙ୍କ ମନ୍ଦିରରେ ପୂଜା କରନ୍ତି । ଦ୍ୱିପର ଯୁଗର କିଛି କଥା ସହିତ ଜଡିତ ଥିବା ଉତ୍ତର ପ୍ରଦେଶର ଇଟାୱା ଜିଲ୍ଲାରେ ଯମୁନା ନଦୀ କୂଳରେ ଅବସ୍ଥିତ ମା' କାଳୀଙ୍କ ମନ୍ଦିର ବିଷୟରେ ମାନ୍ୟତା ରହିଛି । ମହାଭାରତର ଅଶ୍ୱତ୍ଥମା ଏବେବି ଅଦ୍ଭୁତ ରୂପରେ ଆସି ସର୍ବପ୍ରଥମେ ଏଠାରେ ପୂଜାର୍ଚ୍ଚନା କରିଥାନ୍ତି । ଇଟାୱା ସଦର ମୁଖ୍ୟାଳୟରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଯମୁନା ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିରରେ ନବରାତ୍ରି ସମୟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । ନିଜ ମନସ୍କାମନା ପୂରଣ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଏଠାକୁ ଆସିଥାନ୍ତି । ମନ୍ଦିରର ମୁଖ୍ୟ କହିବାନୁଯାୟୀ ସେ ପ୍ରାୟ ୪୦ ବର୍ଷ ହେଲାଣି ଏହି ମନ୍ଦିରରେ ସେବା କରିଆସୁଛନ୍ତି । ତାଙ୍କ ମତରେ ମନ୍ଦିର ବନ୍ଦ ହେବା ପୂର୍ବରୁ ମୂର୍ତ୍ତିରୁ ସବୁ ଶୁଖିଯାଇଥିବା ଫୁଲଗୁଡିକୁ ବାହାର କରିଦିଆଯାଇଥାଏ କିନ୍ତୁ ସକାଳେ ଯେତେବେଳେ ମନ୍ଦିର ଖୋଲାଯାଏ ମନ୍ଦିର ଗର୍ଭଗୃହରେ ଫୁଲ ଗୁଡିକ ଏକଦମ ସତେଜ ଅବସ୍ଥାରେ ରହିଥାଏ । ଯାହା ପ୍ରମାଣ କରେ ଯେ କେହିନା କେହି ଛଦ୍ମ ରୂପରେ ଆସି ପୂଜା କରିଥାଆନ୍ତି । ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ମହାଭାରତର ଅଶ୍ୱତ୍ଥମା ମା'ଙ୍କ ମନ୍ଦିରରେ ଆସି ରାତିରେ ପୂଜା କରିଥାନ୍ତି ।

ଏଭଳି ଏକ ରୋଗ ଯେଉଁଥିରେ ଶିଶୁ ଦେଖାଯାନ୍ତି ବୃଦ୍ଧ

ଏହି ରୋଗର ନାଁ 'ପ୍ରୋଗେରିଆ' । ଏକ ଜିନଗତ ଭୟଙ୍କର ଶାରୀରିକ ବିଶୃଙ୍ଖଳା । ଏହି ରୋଗରେ ଆକ୍ରାନ୍ତ ଶିଶୁକୁ ଅକାଳରେ ବାର୍ଦ୍ଧକ୍ୟ ମାଡିବସେ । ଏହା ସାଧାରଣତଃ କ୍ୱଚିତ ଦେଖାଯାଇଥାଏ ।ଆକଳନ ଅନୁସାରେ , ପ୍ରତି ୮୦ ଲକ୍ଷ ଜନ୍ମିତ ଶିଶୁ ମଧ୍ୟରୁ ଗୋଟିଏ ପିଲା ଏହି ରୋଗରେ ଆକ୍ରାନ୍ତ ହୋଇଥାଏ । ପିଲାଟି ଦିନରୁ ଶିଶୁଟିକୁ ଏଥି ଯୋଗୁଁ ବାର୍ଦ୍ଧକ୍ୟ ଚାଲିଆସେ । ତା'ର ବୁଦ୍ଧି, କାର୍ଯ୍ୟକଳାପ ସବୁ ମଧ୍ୟ ବୟସ୍କଙ୍କ ଭଳି ହୋଇଯାଏ । ଏମାନେ ସାଧାରଣତଃ ଜନ୍ମରୁ ୧୩ବର୍ଷ ପର୍ଯ୍ୟନ୍ତ ବଂଚିଥାନ୍ତି । ଏହି ସମୟ ମଧ୍ୟରେ ସେମାନଙ୍କ ମସ୍ତିଷ୍କ ଓ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗରେ ପକ୍ଷାଘାତ ହୋଇ ମୃତ୍ୟୁ ଘଟିଥାଏ । କେତେକ ପ୍ରୋଗେରିଆ ଆକ୍ରାନ୍ତ ବାଳକ ୨୦ ବର୍ଷ ଓ ଅତି ବେଶିରେ ୪୦ ବର୍ଷ ଯାଏ ଜୀବିତ ରହିଥାନ୍ତି । ଏହା ଜିନଗତ ଥିବାବେଳେ ସାଧାରଣ ଭାବେ ବଂଶାନୁକ୍ରମିକ ନୁହେଁ । ଜଣେ ପ୍ରୋଗେରିଆ ପିତାଠାରୁ ତା ଭଳି ଶିଶୁ ଜନ୍ମ ମଧ୍ୟ ହୋଇନପାରେ ବୋଲି ବିଶେଷଜ୍ଞଙ୍କ ମତ । ୧୮୮୬ରେ ଜୋନାଥାନ ହଟଚିନସନଙ୍କ ଦ୍ୱାରା ପ୍ରଥମେ ଏହି ରୋଗ ଆବିଷ୍କାର କରାଯାଇଥିଲା । ପରେ ୧୮୯୭ରେ ହାଷ୍ଟିଙ୍ଗ ଗିଲଫୋର୍ଡ ଏହାର ଏପରି ନାମକରଣ କରିଥିଲେ । ଜଣେ ପ୍ରୋଗେରିଆ ଶିଶୁ ଜୀବନସଂଗ୍ରାମକୁ ଚଳଚ୍ଚିତ୍ର 'ପା'ରେ କାହାଣୀ ଭାବେ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି ।

ବାସ୍ତୁଶାସ୍ତ୍ରର ନିୟମ

- ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ୍ୟ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।
- ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।
- ଫ୍ଲାଟ କିମ୍ବା ଘର କିଣୁଥିଲାବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।
- ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।
- ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।
- ରୋଷେଇଘର ଓ ସ୍ନାନାଗାର ପାଖାପାଖି କିମ୍ବା ଗୋଟିଏ କାନ୍ଥର ଏପାଖ ସେପାଖ ହେବା ଅନୁଚିତ ।
- ଘର ବାଲକୋନିରେ ବାଇଗଣି ରଙ୍ଗର ଫୁଲଗଛ ଲଗାନ୍ତୁ । ଏହା ମଧ୍ୟ ସୁଖସମୃଦ୍ଧି ବୃଦ୍ଧି କରିବାରେ ଖୁବ୍ ସହାୟକ ।

ପେଟର ଚର୍ବି କମାଇବାକୁ ଚାହୁଁଥିଲେ , ଶୋଇବା ପୂର୍ବରୁ କରନ୍ତୁ ଏଭଳି ମାଲିସ୍

ପେଟରେ ଚର୍ବି ଜମିବା ଆଜିକାଲି ପିଢ଼ିଙ୍କ ପାଇଁ ଏକ ସାଧାରଣ କଥା । ପେଟ ବଢ଼ି ଗଲେ ସମ୍ପୂର୍ଣ୍ଣ ଶରୀରର ଆକର୍ଷଣତା କମିଯାଏ । ଏହି ସମସ୍ୟା ଉଭୟ ପୁରୁଷ ଏବଂ ନାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି । ବହୁତ ଲୋକ ଏମିତି ବି ଅଛନ୍ତି ଶରୀର ଠିକ୍ ଥାଏ , ମାତ୍ର ପେଟ ବଡ଼ ହେତୁ ମୋଟା ଦିଶନ୍ତି । ଏପରି ସମସ୍ୟାର ସମାଧାନ ବି ଆମ ନିକଟରେ ଅଛି । କେବଳ ଆପଣ ମାଲିସ୍ କୌଶଳ ଶିଖି ଗଲେ ଘରେ ରହି ନିଜ ପେଟର ଚର୍ବି ଖସାଇ ପାରିବେ । ତେବେ, ଚାଲନ୍ତୁ ଜାଣିବା ରାତିରେ ପେଟ କମାଇବା ପାଇଁ କେଉଁ ଧରଣର ମାଲିସ୍ କରିବାକୁ ହେବ ।

୧.ପ୍ରଥମେ ଉପରକୁ ମୁହଁ କରି ଶୋଇ ରହନ୍ତୁ ।

୨.ତା'ପରେ ନିଜର ଦୁଇ ପାପୁଲିକୁ ଘସି ଘସି ଗରମ କରନ୍ତୁ ।

୩.ସେହି ଗରମ ପାପୁଲିକୁ ନିଜ ପେଟର ଅଗ୍ର ଭାଗରେ ରଖନ୍ତୁ ।

୪.ଧୀରେ ଧୀରେ ପେଟରେ ହାତକୁ ବୁଲାଇବା ଆରମ୍ଭ କରନ୍ତୁ ।

୫.ପେଟରେ ଧୀରେ ଧୀରେ ଚାପ ପକାନ୍ତୁ ।

୬.ଏହିପରି ପ୍ରାୟ ୪ ରୁ ୫୦ ଥର କିମ୍ବା ୨ ମିନିଟ୍ ଧରି କରନ୍ତୁ ।

ସିଲ୍କ ଦେଉଛି ଟ୍ରେଣ୍ଡିଂ ଲୁକ୍

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପର୍ବପର୍ବାଣି, ବିବାହ, ବ୍ରତୋତ୍ସବ ଆଦି ଦିନଗୁଡିକରେ ଲୋକ ସିଲ୍କ ବେଶପୋଷାକ ପିନ୍ଧୁଥିବା ନିଜର ରହିଛି । ବନାରସୀ ସିଲ୍କ କେବଳ ଶାଢୀରେ ସୀମିତ ନାହିଁ । ଏହାକୁ ପୁରୁଷମାନଙ୍କ ପାଇଜାମା, ସେରୱାନୀ ଏବଂ ଡିଜାଇନର୍ କୋଟ୍ ଆଦିରେ ଅଧିକ ବ୍ୟବହାର କରାଯାଉଛି । ସିଲ୍କ ବେଶପୋଷାକରେ ଓ୍ୱେଷ୍ଟର୍ଣ୍ଣ ଫ୍ୟୁଜନ୍ କରାଯାଉଥିବାରୁ ଏହା ପାରମ୍ପରିକ ଅପେକ୍ଷା ଟ୍ରେଣ୍ଡି ଲୁକ୍ ଦେଉଛି, ଯାହାକୁ ଯୁବପିଢି ଅଧିକ ପସନ୍ଦ କରୁଛନ୍ତି । ବର୍ତ୍ତମାନ ବଡବଡ ଫେସନ୍ ଶୋ'ରେ ବି ମଡେଲ୍‌ମାନେ ସିଲ୍କ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି । ଦେଶବିଦେଶର ବହୁ ଡିଜାଇନର ଏଭଳି ସିଲ୍କ ଫ୍ୟାବ୍ରିକ୍‌କୁ ଫ୍ୟୁଜନ୍ କ ରୂପ ଦେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି ।

ବିଶ୍ୱର ପ୍ରଥମ ଆଇସ୍ ହୋଟେଲ ପ୍ରତିବର୍ଷ ନିର୍ମାଣ ହୁଏ ଏବଂ ନଦୀରେ ପରିଣତ ହୋଇଯାଏ

ଦୁନିଆରେ ବହୁ କଳାକୃତି ରହିଛି ଯାହାକୁ ଦେଖି ଆମେ ଅଚମ୍ଭିତ ହୋଇପଡୁ । ଏଭଳି ଏକ କଳାକୃତି ହେଉଛି ସ୍ୱିଡେନ୍‌ର ଆଇସ୍ ହୋଟେଲ । ଏହି ହୋଟେଲଟି ବିଶ୍ୱର ପ୍ରଥମ ବରଫ ନିର୍ମିତ ହୋଟେଲର ମାନ୍ୟତା ପାଇଛି । ଯାହା ବସନ୍ତ ଋତୁରେ ତରଳି ନଦୀରେ ପରିଣତ ହୋଇଯାଏ । ସ୍ୱିଡେନ୍‌ର ଜ୍ୟୁକାସଜେରଭିରେ ଆର୍କଟିକ୍ ସର୍କଲର ଉତ୍ତରରେ ପ୍ରାୟ ୧୨୪ ମିଲ୍ ଦୂରରେ ଏହା ଅବସ୍ଥିତ । ପ୍ରତିବର୍ଷ ଶୀତଋତୁରେ ଏହି ହୋଟେଲକୁ ନିର୍ମାଣ କରାଯାଏ ଏବଂ ପାଞ୍ଚ ମାସ ପରେ ଏଡା ନଦୀରେ ପରିଣତ ହୋଇଯାଏ । ଏହି ହୋଟେଲକୁ ଟୋର୍ଣ୍ଣ ନଦୀର ସହାୟତାରେ ନିର୍ମାଣ କରାଯାଇଥାଏ । ଏହା ସୋଲାର ପାୱାର ଟେକ୍ନୋଲୋଜି ଦ୍ୱାରା ସମ୍ଭବ ହୋଇପାରିଛି । ଚଳିତ ବର୍ଷ ଏହି ହୋଟେଲକୁ ନିର୍ମାଣ କରିବା ଲାଗି ୩ ଦେଶର ୧୪ ଜଣ କଳାକାରଙ୍କୁ ଡକାଯାଇଥିଲା । ପର୍ଯ୍ୟଟକଙ୍କ ଲାଗି ଏହି ହୋଟେଲରେ ଏକ ରେଷ୍ଟୋରାଣ୍ଟ, ୧୨ ଟି ବେଡ୍ ରୁମ୍, ଆଇସ୍ ବାର୍ ଏବଂ ବହୁ ସୁନ୍ଦର କାରୁକାର୍ଯ୍ୟ ନିର୍ମାଣ କରାଯାଇଛି । ଏହି ହୋଟେଲକୁ ଦେଖିବା ଲାଗି ପ୍ରତିବର୍ଷ ୭୦ ହଜାର ପର୍ଯ୍ୟଟକ ଆସିଥାନ୍ତି । ଏହାକୁ ୧୯୮୯ ମସିହାରେ ପ୍ରଥମେ ନିର୍ମାଣ କରାଯାଇଥିଲା । ତେବେ ଚଳିତ ବର୍ଷ ଏହି ହୋଟେଲ ୩୦ ତମ ବର୍ଷପୂର୍ତ୍ତି ମନାଉଛି । ଏଥିଲାଗି ହୋଟେଲର ସଂସ୍ଥାପକ ୟଙ୍ଗୱେ ବର୍ଗକ୍ୱିଷ୍ଟ ଏକ ସ୍ୱତନ୍ତ୍ର ପ୍ରକାରର ମିଠା ତିଆରି କରିଛନ୍ତି, ଯାହାକୁ ୧୬ଟି ଦେଶର ୩୩ଜଣ କାରିଗର ମାତ୍ର ଏକ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିଛନ୍ତି । ଏଠାକାର ତାପମାତ୍ରା ମାଇନସ୍ ୧୮ରୁ ୪୦ ଡିଗ୍ରୀ ରହିଥାଏ ।

ସ୍ତନ କର୍କଟ ନହେବା ପାଇଁ

ତିରିଶ ବର୍ଷ ପରେ ମହିଳାମାନେ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବାର ଦୃଷ୍ଟାନ୍ତ ଅଧିକ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ତିରିଶ ଜଣରେ ଜଣେ ମହିଳା ସ୍ତନ କର୍କଟରେ ଆକ୍ରାନ୍ତ ହେଉଛନ୍ତି । ସାବଧାନ ତଥା କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ଦ୍ୱାରା ସ୍ତନ କର୍କଟ ଆଶଙ୍କା ରହେନାହିଁ । ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ । ଠିକ୍ ସମୟରେ ଶୋଇବା ଓ ଉଠିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସନ୍ତୁଳିତ ତଥା ଭିଟାମିନ ଡି, ସି ଏବଂ ବି-୧୨ ପେଷାକଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ । ତାଜା ଫଳ, ସବୁଜ ପନିପରିବା, ଶାଗ ସାମିଲ କରନ୍ତୁ । କଂଚା ରସୁଣ କର୍କଟ ପ୍ରତିରୋଧକ ହୋଇଥିବାରୁ ପ୍ରତିଦିନ ଖାଦ୍ୟରେ ଖାଇବା ଉପକାରୀ । ସବୁଜ ଚାହା ପିଅନ୍ତୁ । ଏହା ଏଣ୍ଟିଅକ୍ସିଡାଣ୍ଟଯୁକ୍ତ ହୋଇଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ନିୟମିତ ବ୍ୟାୟାମ ଦ୍ୱାରା ସ୍ତାନ କର୍କଟ ସମସ୍ୟା ଦୂରହୁଏ । ପ୍ରତିଦିନ କିଛି ସମୟ ଚାଲନ୍ତୁ କିମ୍ବା ଧୀରେ ଦୌଡ଼ନ୍ତୁ । ସନ୍ତରଣ ଅଭ୍ୟାସ କରିପାରନ୍ତି । ଏହାଦ୍ୱାରା ଓଜନ ଠିକ୍ ରହେ, ରକ୍ତ ଚାପ ନିୟନ୍ତ୍ରିତ

ହୁଏ, ଯକୃତରେ ଚର୍ବି ଜମେକନାହିଁ ଏବଂ ସ୍ତନ କର୍କଟ ସମସ୍ୟା ଟଳିଯାଏ । ମାନସିକ ଚାପରେ ରହନ୍ତୁ ନାହିଁ । ଚାପରୁ ମୁକ୍ତି ପାଇଁ ସବୁଠାରୁ ଭଲ ଉପାୟ ହେଲା ପ୍ରତିଦିନ ଧ୍ୟାନ ଓ ଯୋଗ ଅଭ୍ୟାସ କରନ୍ତୁ । କର୍କଟ ରୋଗର ପାରିବାରିକ ଇତିହାସ, ଚାଳିଶବର୍ଷ ପରେ ପ୍ରଥମ ସନ୍ତାନ ଜନ୍ମ, ଆଲକହଲ ସେନ, ପ୍ରଜେଷ୍ଟରେନ କିମ୍ବା ଏଷ୍ଟ୍ରୋଜେନ ହରମନ ବଟିକା ଖାଉଥିବା ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ଆଶଙ୍କା ଥାଏ । ଏଥିପ୍ରତି ସତର୍କ ହିବା ଜରୁରୀ । ନିୟମିତ ବ୍ୟଧଶନରେ ବିଭାଗୀୟ ଡାକ୍ତରଙ୍କ ଠାରେ ପରୀକ୍ଷା କରାଇବା ଦ୍ୱାରା ସ୍ତନ କର୍କଟ ସମସ୍ୟା ଜଣାପଡ଼େ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୪ ମଇ ୨୦୨୧, ମଙ୍ଗଳବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭୂମିକା....

ଗଣମାଧ୍ୟମକୁ ସମାଜର ଜାଗ୍ରତ ପ୍ରହରୀ ଭାବରେ ପରିଗଣିତ କରାଯାଉଥିବା ବେଳେ ଦେଶରେ ଏହାକୁ ଚତୁର୍ଥ ସ୍ତମ୍ଭର ଆଖ୍ୟା ଦିଆଯାଇଛି, ଯଦିଓ ଏହା ବିଧିବଦ୍ଧ ଭାବରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଭଳି ପ୍ରତିଷ୍ଠିତ ନୁହେଁ। ଗଣମାଧ୍ୟମ ସଦା ସର୍ବଦା ଶାସନର ଉପରୋକ୍ତ ତିନିଗୋଟି ସ୍ତମ୍ଭଠାରୁ ସ୍ୱାଧୀନ ରହି ନିର୍ଭୀକ ଓ ନିରପେକ୍ଷ ଭାବରେ କାର୍ଯ୍ୟ କରିବା ଆଶା କରାଯାଏ ଏବଂ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାର ଗଣମାଧ୍ୟମର ଭୂମିକା ଯେହେତୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ତେଣୁ ଏହାର କଣ୍ଠରୋଧ କରିବା ଭଳି କୌଣସି କାର୍ଯ୍ୟ କରିବା ସ୍ପୃହଣୀୟ ନୁହେଁ। ତେବେ ବିଗତ କେତେକ ବର୍ଷ ହେବ ଭାରତ ସ୍ୱାଧୀନତା ଏବଂ ଗଣତନ୍ତ୍ର ସମ୍ପର୍କିତ ପ୍ରମୁଖ ସୂଚକଗୁଡ଼ିକରେ ଦୟନୀୟ ପ୍ରଦର୍ଶନ କରି ଆସୁଥିବା ପରିଲକ୍ଷିତ ହେଉଛି। ଅଳ୍ପ କିଛି ଦିନ ପୂର୍ବେ ରିପୋର୍ଟର୍ସ ୱିଥ୍ ଦାଉଟ୍ ବର୍ଡର୍ସ୍ ଦ୍ୱାରା ପ୍ରକାଶିତ ବିଶ୍ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ ୨୦୨୧ରେ ସ୍ଥାନିତ ବିଶ୍ୱର ମୋଟ ୧୮୦ଟି ଦେଶଙ୍କ ଭିତରେ ଭାରତ ଅକ୍ତିଆର କରିଛି ୧୪୨ ତମ ସ୍ଥାନ। କେବଳ ଚଳିତ ବର୍ଷ ନୁହେଁ, ଏହାର ପୂର୍ବ ବର୍ଷ ମଧ୍ୟ ଭାରତ ଉପରୋକ୍ତ ସ୍ଥାନରେ ରହିଥିଲା ଅର୍ଥାତ ଲଗାତାର ଦୁଇ ବର୍ଷ ଧରି ଏହାର ସ୍ଥାନ ସମାନ ରହିଛି। ଏହାର ଅର୍ଥ, ସ୍ୱାଧୀନତା ଦୃଷ୍ଟିରୁ ଭାରତରେ ଗଣମାଧ୍ୟମର ସ୍ଥିତି ଉନ୍ନତ ନୁହେଁ, ଯାହା ଅନେକ ନିହିତାର୍ଥକୁ ବହନ କରେ। ପ୍ରଥମତଃ, ଗତବର୍ଷ ଯେଉଁ ସ୍ଥାନରେ ରହିଥିଲା, ଚଳିତବର୍ଷ ମଧ୍ୟ ସେହି ସ୍ଥାନରେ ରହିବାରୁ ବୁଝିହୁଏ ଯେ ସମଗ୍ର ବିଶ୍ୱରେ ନିର୍ଭରଶୀଳ ରେକର୍ଡ ଭାବରେ ବିବେଚିତ ହେଉଥିବା ଉପରୋକ୍ତ ସୂଚକାଙ୍କ ସୂଚାଉଛି କି ଗତ ଏକ ବର୍ଷ ମଧ୍ୟରେ ସାମ୍ବାଦିକମାନେ ସ୍ୱାଧୀନ ଓ ନିର୍ଭୀକ ଭାବରେ କାମ କରିବାର ପରିସ୍ଥିତିରେ ସେପରି କିଛି ପରିବର୍ତ୍ତନ ଘଟିନାହିଁ। ଏଥିପାଇଁ କେନ୍ଦ୍ର ସରକାରଙ୍କର ଶାସନ ପ୍ରଣାଳୀ ଏବଂ ସାମ୍ବାଦିକମାନଙ୍କ ପ୍ରତି ରହିଥିବା ମନୋଭାବ ଦାୟୀ ବୋଲି ବିଭିନ୍ନ ମହଲ ଅଭିଯୋଗ କରନ୍ତି; ଉପରୋକ୍ତ ରିପୋର୍ଟ ମଧ୍ୟ ଏହି ଅଭିଯୋଗ ପାଇଁ ଆଧାର ଭାବରେ କାର୍ଯ୍ୟ କରୁଥିବା ଛବିକୁ ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରିଛି। ୨୦୨୦ ମସିହାରେ ଭାରତରେ ଚାରିଜଣ ସାମ୍ବାଦିକ ସେମାନଙ୍କ ତଦନ୍ତମୂଳକ ନିର୍ଭୀକ କାର୍ଯ୍ୟ ନିମନ୍ତେ ହତ୍ୟାର ଶିକାର ହୋଇଛନ୍ତି ଏବଂ କ୍ରମବର୍ଦ୍ଧିଷ୍ଣୁ ଭାବରେ ସାମ୍ବାଦିକମାନଙ୍କୁ ଦେଶଦ୍ରୋହ ଅଭିଯୋଗରେ କାରାଗାର ଯିବାକୁ ପଡ଼ିଛି। ଆଉ ଏହି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବାର ଅର୍ଥ ସମସ୍ତେ ଜାଣନ୍ତି ଯେ ଆଜୀବନ କାରାଦଣ୍ଡ। ଉପରୋକ୍ତ ସାମ୍ବାଦିକମାନଙ୍କର ଅପରାଧ ହେଲା କେନ୍ଦ୍ର ସରକାରଙ୍କ ଶାସନକୁ ନେଇ ପ୍ରଶ୍ନ ଉଠାଇବା। ପୂର୍ବରୁ ସରକାରଙ୍କ ବିରୋଧରେ ସ୍ୱର ଉଠାଇବା ଗଣମାଧ୍ୟମମାନଙ୍କ ପାଇଁ ମହଙ୍ଗା ପଡୁଥିଲା କିଛି ଭିନ୍ନ ଢ଼ଙ୍ଗରେ। ଅର୍ଥାତ ଗଣମାଧ୍ୟମମାନଙ୍କୁ ଦଣ୍ଡିତ କରିବାର ପାରମ୍ପରିକ କୌଶଳ ଥିଲା ସେମାନଙ୍କର ପ୍ରମୁଖ ଆୟର ଉତ୍ସ ବିଜ୍ଞାପନର ପରିମାଣକୁ ହ୍ରାସ କରିବା। ଏଥିରେ ବର୍ତ୍ତମାନ ପରିବର୍ତ୍ତନ ଘଟିଛି। ଉଦାହରଣ ସ୍ୱରୂପ, ନୂଆ ଗଣମାଧ୍ୟମ ସଂସ୍ଥାମାନଙ୍କୁ ନିୟନ୍ତ୍ରିତ କରି ରଖିବା ପାଇଁ ଆବଶ୍ୟକୀୟ ଆଇନର ବାଡ଼ ଘେରାଇବାର ବ୍ୟବସ୍ଥା କରାଯାଇଛି ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ରୁଲସ୍, ୨୦୨୧ ମଧ୍ୟରେ। ଉଲ୍ଲେଖଯୋଗ୍ୟ ଯେ ସମ୍ବାଦକୁ ଆହୁରି ଅଧିକ ନିୟନ୍ତ୍ରିତ କରିବା ପାଇଁ ଏହି ଆଇନ୍ ପ୍ରଣୟନ ଜରିଆରେ ଉଦ୍ୟମ କରାଯାଇଥିବା ଆଧାରରେ ଏହା ସମାଲୋଚିତ ହୋଇଛି। ସମ୍ପ୍ରତି ସାରା ବିଶ୍ୱରେ ମହାମାରୀ କରୋନାର ଭୟାନକ ସଂକ୍ରମଣ ଚାଲୁ ରହିଛି। ଏହି ଆଳରେ ସରକାରଙ୍କ ନୀତି ନିୟମ ବିରୁଦ୍ଧରେ ଗଣ ପ୍ରତିବାଦ ଯଥା ହରତାଳ ଇତ୍ୟାଦି କରିବାକୁ ବାରଣ କରାଯାଉଛି। ସଙ୍ଗେ ସଙ୍ଗେ ଏସୀୟ ଦେଶମାନଙ୍କ ସହିତ ମଧ୍ୟପ୍ରାଚ୍ୟ ଏବଂ ୟୁରୋପ୍ ମହାଦେଶରେ ସାମ୍ବାଦିକମାନଙ୍କୁ ସମ୍ବେଦନଶୀଳ ସୂଚନାଗୁଡ଼ିକ ସମ୍ବନ୍ଧରେ କ୍ଷେତ୍ରରେ ରହି ରିପୋର୍ଟିଂ କରିବାରୁ ବାରଣ କରିବା ପାଇଁ ମହାମାରୀକୁ ଏକ ଆଳ କରାଯାଉଛି।

ହାରି ଜାଆନିରେ ମନ ମୋର...

କୁନା ସେଠୀ

ଆସିବାର ଥିଲା ଆସୁ ମଧ୍ୟ ଥିଲା
ଆସିଅଛି ଏବେ ଦୁଃଖ
ତାକୁ ଦେଖି ମନ ହାରି ତୁ ଜାଆନି
ଛାଡ଼ି ଦେଇ ଆତ୍ମା ପାଖ ।
ଭାଙ୍ଗି ପଡ଼ନାରେ ଯାତନାକୁ ପାଇ
ମଣିଷ ଜୀବନ ଏଇ
ଦୁଃଖ ପରେ ସୁଖ ଲେଖିଛି ଦଇବ
କବି ଯାଇଛନ୍ତି କହି ।
ଘରେ ଘରେ ଶୁଭେ ଦୁଃଖର କାହାଣୀ
କେତେ ପରକାରେ କାହିଁ
ଜଣେ ହଲେ ମଧ୍ୟ ସୁଖରେ ନାହିଁରେ
ଭାବୁଥିବା ସୁଖ ନେଇ ।
ଯେତେ ବଡ ଧନୀ
ସେତେ ବଡ ଦୁଃଖୀ
ଦୁଃଖର କାରଣ ଭିନ୍ନ
ତୁଳନା କରି ତୁ ଲଜ୍ଜିତ ହେଉଛୁ
ପିତା କରି ତୋର ଅନ୍ନ ।
ତୋହ ଠାରୁ ବଡ ଦୁଃଖୀ ଯେ ଅଛନ୍ତି
ଏ କଥା ଭୁଲନା ତୁହି
ଯେମିତି ଅଛୁ ତୁ ଭଲରେ ଅଛୁରେ
ମନେରଖ ତୁହି ଭାଇ ।
ଅନ୍ୟର ସାଥୀରେ ତୁଳନା କରିଲେ
ପାଇବୁ ଅନେକ ଦୁଃଖ
ଶାନ୍ତିରେ କେବେ ତୁ ବଞ୍ଚି ପାରିବୁନି
ଦୁଃଖ ଥିବ ଚାରିପାଖ ।
କର୍ମର ଦୁନିଆ ଅଟେ ତୋ ସଂସାର
ସୁଖ ଦୁଃଖ ଅଛି ସେଠି
କର୍ମ ହୀନ ହୋଇ ବସି ତୁ ରହିଲେ
କେବେ ନ ପାରିବୁ ଉଠି ।
ମହାମାରୀ ଆସି ଗ୍ରାସିଛି ସଂସାର
ଉଜୁଡ଼ି ଯାଉଛି ଘର
ଜୁଇ ଲିଭୁନାହିଁ ଲୁହ ସୁଖୁନାହିଁ
ଦୁଃଖ ଆସିଅଛି ଘୋର ।
ତଥାପି ସାହାସ ହାରେନିରେ ତୋର
ଧର୍ଯ୍ୟ ଯାଆନି ତୁ ଛାଡ଼ି
ସତର୍କ ରହିଲେ ଭୟ ଛାଡ଼ି ଯିବ
ନ ଥିବ ଯମର ରଡ଼ି ।
ହାରି ଜାଆନିରେ ମନଟା ମୋହର
ଦେଖି ଦୁନିଆର ଦୁଃଖ
ଦୁଃଖକୁ ସହିଲେ ମଣିଷ ହେବୁରେ
ଭୟ ମାଡ଼ିବନି ପାଖ ।

+ଭୂତସରସିଙ୍ଗି,ଗଞ୍ଜାମ

ଆର୍ଥିକ ଅସମାନତା ଉପରେ ଚିନ୍ତା କରାଯିବା ଆବଶ୍ୟକ

ଗୋପାଳ ମହାପାତ୍ର

ସବୁ ସଭ୍ୟ ଦେଶ ନିର୍ବିବାଦ ରପରେ ଗଣତନ୍ତ୍ରର ପକ୍ଷଧର। ବିଶ୍ୱର ମହାମହା ବିଦ୍ୱାନମାନେ ଗଣତନ୍ତ୍ର ସପକ୍ଷରେ ମଧ୍ୟ ମତାମତ ଦେଇଥାନ୍ତି। ବିଦ୍ୱାନମାନଙ୍କ ମତରେ ସମସ୍ତ ନାଗରିକଙ୍କୁ ବିକାଶର ସମାନ ସୁବିଧା ବା ଅବସର ଦେଉଥିବା ବ୍ୟବସ୍ଥା ହିଁ ଗଣତନ୍ତ୍ର। ରାଜନୈତିକ, ସାମାଜିକ, ଆର୍ଥିକ ଏବଂ ବୈଧାନିକ ରପରେ ସବୁ ନାଗରିକଙ୍କୁ ଅଧିକରୁ ଅଧିକ ସମାନ ସ୍ତରରେ ପହଞ୍ଚାଇ ପାରିଲେ ହିଁ ଗଣତନ୍ତ୍ରର ଲକ୍ଷ୍ୟ ହାସଲ ହୋଇପାରିବ। ଅନ୍ୟପକ୍ଷରେ ଆର୍ଥିକ ସମାନତା ଯଦି ରହେ ତେବେ ରାଜନୈତିକ, ସାମାଜିକ ଓ ବୈଧାନିକ ସମାନତା ମନକୁ ମନ ଆସିଯାଇଥାଏ। ଏଥିପାଇଁ ଅନେକ ଦେଶର ଶାସନ ବ୍ୟବସ୍ଥା ଦେଶର ସମସ୍ତ ନାଗରିକଙ୍କ ମଧ୍ୟରେ ଧନର ସମବିତରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଅନେକ ଦେଶରେ ଏ ବ୍ୟବସ୍ଥା ନାହିଁ। ଆନ୍ତର୍ଜାତୀୟ ସ୍ତରରେ ଏ ପ୍ରସଙ୍ଗରେ ତର୍ଜମା ଓ ବିଚାର ଆଲୋଚନା ପାଇଁ ଅନେକ ମଞ୍ଚ ରହିଛି। ଏଭଳି ଏକ ମଞ୍ଚ ହେଉଛି ବିଶ୍ୱ ଆର୍ଥିକ ମଞ୍ଚ (ୱାର୍ଲ୍ଡ ଇକୋନୋମିକ୍ ଫୋରମ)। ସ୍ୱିଜରଲ୍ୟାଣ୍ଡର ଦାବୋସ ସହରରେ ଏହାର ମୁଖ୍ୟାଳୟରେ ପ୍ରତିବର୍ଷ ଏହି ମଞ୍ଚର ସଦସ୍ୟ ରାଷ୍ଟ୍ରମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୁଏ ଓ ଏବର୍ଷ ମଧ୍ୟ ହୋଇଥିଲା। ଏବର୍ଷର ସମ୍ମିଳନୀରେ ଗତବର୍ଷ ପରି ଆଲୋଚନା ହୋଇପାରିନଥିଲା। ଗତବର୍ଷ ମହାମାରୀ କରୋନା କାରଣରୁ ଲକଡାଉନ୍ ଜାରି କରାଯାଇଥିଲା ଓ ବିଶ୍ୱର ପ୍ରାୟତଃ ଦେଶର ଅର୍ଥବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ଏଇଥିପାଇଁ ଏ ବର୍ଷର ବିଶ୍ୱ ଆର୍ଥିକ ମଞ୍ଚ ସମ୍ମିଳନୀରେ ୭ ସୁତ୍ରୀୟ ଏଜେଣ୍ଡାରେ ମହାମାରୀ କରୋନା ପାଇଁ ଉପୁଜିଥିବା ସ୍ଥିତିକୁ ଅଧିକ ଗୁରୁତ୍ୱ ନିଆଯାଇଥିଲା।

ବିଶ୍ୱର ଅଧିକତର ଆର୍ଥିକ ଅଭିବୃଦ୍ଧି ହାର କରୋନା କାରରଣୁ ହ୍ରାସ ପାଇଛି। ଅଭିବୃଦ୍ଧି ହାର ହ୍ରାସ ପାଇବାର ମୁଖ୍ୟ କାରଣ ହେଉଛି ମାସମାସ ଧରି ଲୋକେ କାମ ଧନ୍ଦାକୁ ଯାଇପାରିନଥିଲେ। ଏସବୁ ଅବ୍ୟବସ୍ଥାକୁ ଆକଳନ କରି ଅକ୍ସଫୋମ୍ ନାମକ ସଂସ୍ଥା ଏକ ରିପୋର୍ଟ ଏହି ବିଶ୍ୱ ଆର୍ଥିକ ମଞ୍ଚରେ ଉପସ୍ଥାପନ କରିଥିଲା। ରିପୋର୍ଟରେ ଆର୍ଥିକ ବିଷମତା ଉପରେ ଉଲ୍ଲେଖ କରାଯାଇଥିଲା। ପୂର୍ବରୁ ଆୟ (ରୋଜଗାର) ବିଷମତା ଉପରେ ଏକ ରିପୋର୍ଟ ଅକ୍ସଫୋମ୍ ପକ୍ଷରୁ ଜାରି କରାଯାଇଥିଲା। ଏବର୍ଷର ରିପୋର୍ଟରେ ଭାରତ ପ୍ରସଙ୍ଗରେ ଅନେକ ଚମକପ୍ରଦ ତଥ୍ୟ ରହିଛି। ଦାବୋସ୍ ସମ୍ମିଳନୀର ଦିନକ ପୂର୍ବରୁ ଜାରି କରାଯାଇଥିବା ଏହି ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ଅନ୍ୟ ଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ଆର୍ଥିକ ବିଷମତା ରହିଛି। ଭାରତରେ ଧନୀମାନେ ଅଧିକ ଧନଶାଳୀ ହେବାରେ ଲାଗିଛନ୍ତି ଏବଂ ଗରିବ ମାନଙ୍କ ଅବସ୍ଥା ବିଗିଡିବାରେ ଲାଗିଛି। ମହାମାରୀକୁ ରୋକିବା ପାଇଁ ସରକାର ଯେଉଁ ସବୁ ପଦକ୍ଷେପ ନେଇଛନ୍ତି ସେଇ ପଦକ୍ଷେପସବୁ ଅସମାନତାକୁ ଅଧିକ ବଢାଇ ଦେଇଛି। ଲକଡାଉନ୍ କାରଣରୁ ଗରିବ ଲୋକଙ୍କ ରୋଜଗାର କମିଯାଇଥିବାବେଳେ ଭାରତୀୟ ଧନୀମାନଙ୍କ ସମ୍ପତ୍ତି ଏହି ଲକଡାଉନ୍ ସମୟରେ ୩୦ରୁ ୩୫ପ୍ରତିଶତ ବଢିଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତରେ ଲକଡାଉନ ପରେ ଦେଶର ୧୦୦ ଜଣ ଧନୀକ ବ୍ୟକ୍ତିଙ୍କ ସମ୍ପତ୍ତିରେ ୧୨ଲକ୍ଷ ୯୭ହଜାର ୮୦୦କୋଟି ଟଙ୍କା ବୃଦ୍ଧି ପାଇଛି। ହିସାବ କରାଯାଇ କୁହାଯାଇଛି ଯେ, ଏହି ଅର୍ଥକୁ ଯଦି ଭାରତର ୧୩୯କୋଟି ଲୋକଙ୍କୁ ବଣ୍ଟାଯାଇଥାନ୍ତା ତେବେ ପ୍ରତି ବ୍ୟକ୍ତିଙ୍କୁ ୯୪ହଜାର ଟଙ୍କା ଦିଆଯାଇପାରିଥାନ୍ତା। ଏହି ବାବଦରେ ଆଉ ଏକ ତଥ୍ୟ ହେଉଛି ମହାମାରୀ କରୋନା ସମୟରେ ଭାରତର ସବୁଠାରୁ ୧୧ଜଣ ବଡ଼ଧନୀଙ୍କ ସମ୍ପତ୍ତି ଏତେ ପରିମାଣରେ ବଢିଛି ଯେ, ସେହି ଅର୍ଥରେ ଗ୍ରାମୀଣ ରୋଜଗାରର ସରକାରୀ ଯୋଜନା ଅର୍ଥାତ୍ ମନରେଗା ୧୦ବର୍ଷ ପର୍ଯ୍ୟନ୍ତ ଚାଲିପାରିଥାନ୍ତା। ଲକଡାଉନ୍ କାରଣରୁ ଗରିବ ଲୋକେ ରୋଜଗାର ହରାଇଲେ, ଉପବାସରେ ରହିଲେ ଓ ମୃତ୍ୟୁ ମୁଖରେ ପଡ଼ିଲେ କିନ୍ତୁ ଧନୀ ଲୋକମାନଙ୍କ ଉପରେ ଲକଡାଉନର କିଛି ବି ପ୍ରଭାବ ପଡ଼ିଲା ନାହିଁ। ଅକ୍ସଫେମ୍ ସଂସ୍ଥା ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ର ତଥ୍ୟକୁ ଉଦ୍ଧୃତ କରି କହିଛି ଯେ ଭାରତର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପାଖାପାଖି ୯୦ ପ୍ରତିଶତ ଲୋକଙ୍କ ମଧ୍ୟରୁ ୪୦ ପ୍ରତିଶତ ଦାରିଦ୍ର୍ୟ ସୀମାରେଖାର ବହୁ ତଳେ ଅଛନ୍ତି। କରୋନା ପାଇଁ ୧୨କୋଟି ୨୦ଲକ୍ଷ ଲୋକ ରୋଜଗାର ହରାଇଛନ୍ତି ଏବଂ ରୋଜଗାର ହରାଇଥିବା ଏହି ଲୋକଙ୍କ ମଧ୍ୟରୁ ୭୫ପ୍ରତିଶତ ହେଉଛନ୍ତି ଅସଂଗଠିତ କ୍ଷେତ୍ରର। କେବଳ ଏତିକି ନୁହେଁ ଧନୀମାନଙ୍କୁ ଛାଡ଼ିଦେଲେ ବାକି ସବୁ (ନିମ୍ନ ଓ ମଧ୍ୟମବର୍ଗ) ଲୋକଙ୍କ ଆୟ ପ୍ରଭାବିତ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ, ନିମ୍ନ ଆୟ ବର୍ଗର ଲୋକମାନଙ୍କ ମଧ୍ୟରୁ ୪୬ ପ୍ରତିଶତ ଲୋକ ଋଣ (କରଜ) ନେଇ ନିଜର ଗୁଜୁରାଣ ମେଣ୍ଟାଇଛନ୍ତି। ରିପୋର୍ଟରେ ଏକ ସ୍ପର୍ଶକାତର କଥା କୁହାଯାଉଛି। ତାହା ହେଉଛି ସ୍ୱାଧୀନତା ପରେ ଦେଶର ଲୋକଙ୍କ ମଧ୍ୟରେ ଆର୍ଥିକ ଅସମାନତା କମିଥିଲା କିନ୍ତୁ ଏବେ ଏହା ସେଇ ସ୍ତରରେ ପହଞ୍ଚିଲାଣି ଯାହା ଇଂରେଜ ଶାସନ ବେଳେ ଥିଲା।

ସରକାର ଯେଉଁ ପ୍ୟାକେଜ ଘୋଷଣା କରିଥିଲେ ତାହା ନିଶ୍ଚୟ ବିଶେଷଜ୍ଞ କମିଟିର ପରାମର୍ଶ ଅନୁସାରେ କରିଥିବେ । ଆଇଆରଏସ୍ ଆସୋସିଏସନ୍ ପରାମର୍ଶ ଦେଇ ଥିଲା ଯେ, ଏକକୋଟି ଟଙ୍କାରୁ ଅଧିକ ବାର୍ଷିକ ଆୟ କରୁଥିବା ଲୋକଙ୍କ ଉପରେ ୪୦ପ୍ରତିଶତ ପର୍ଯ୍ୟନ୍ତ ଆୟକର ବଢାଯାଇ ଏଥିରୁ ଆଦାୟ ଅର୍ଥକୁ ଆର୍ଥିକ ପ୍ୟାକେଜରେ ପ୍ରଦାନ କରାଯାଉ। ଏହାକୁ ହିସାବ କଲେ ସ୍ପଷ୍ଟ ଯେ, ମହାମାରୀ ସମୟରେ ଅମୀର (ଧନୀକ) ମାନଙ୍କର ଆୟ ଯେତିକି ବଢିଥିଲା ସେଇ ଅର୍ଥରେ ୪୦ କୋଟି ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ୫ମାସ ପର୍ଯ୍ୟନ୍ତ ରୋଜଗାର ଯୋଗାଇ ଦିଆଯାଇପାରିଥାନ୍ତା। ସରକାରଙ୍କୁ ଆଉ ଏକ ପରାମର୍ଶ ମଧ୍ୟ ଦିଆଯାଇଥିଲା ତାହା ହେଉଛି ଯେଉଁମାନଙ୍କ ଟିକସ ଯୋଗ୍ୟ ଆୟ ବାର୍ଷିକ ୧୦ଲକ୍ଷ ବା ତା ଠାରୁ ଅଧିକ ସେମାନଙ୍କ ଉପରେ ୪ ପ୍ରତିଶତ ଉପକର (ସେସ୍) ଲଗାଯାଇପାରେ। ଅକ୍ସଫେମର ବିଶେଷଜ୍ଞମାନେ ସରକାରଙ୍କ ଏହି ପ୍ୟାକେଜ ବାବଦରେ ଉଲ୍ଲେଖ କରିଛନ୍ତି। ଏକଥା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଦେଶର ସବୁଠାରୁ ଅଧିକ ଧନୀ ୯୫୪ଜଣଙ୍କ ଉପରେ ମାତ୍ର ୪ପ୍ରତିଶତ ସମ୍ପତ୍ତି କର ଲଗାଯାଇଥିଲେ ତାହା ଦେଶର ଡିଜିପିର ୧ ପ୍ରତିଶତ ହୋଇଥାନ୍ତା ଓ ସେହି ଅର୍ଥକୁ ମହାମାରୀ ପୀଡ଼ିତଙ୍କ ପାଇଁ ବ୍ୟୟ କରାଯାଇପାରିଥାନ୍ତା। ଏକଥା ମଧ୍ୟ ବୁଝିବା ଆବଶ୍ୟକ ଯେ, କରୋନା ସମୟରେ ବିଶ୍ୱର ସବୁ ଦେଶର ସରକାର ରାଜସ୍ୱ ବୃଦ୍ଧି ପାଇଁ ଅଧିକ ଲୋକଙ୍କୁ ଟିକସ ପରିସରଭୁକ୍ତ କରିବାକୁ ଉଦ୍ୟମ କରିଥିଲେ। ଧନୀ ଲୋକଙ୍କ ବଦଳରେ ସାଧାରଣ ଲୋକଙ୍କୁ ଅଧିକ ସାମିଲ କରାଯିବା ସପକ୍ଷରେ ତର୍କ ଦିଆଯାଇଥିଲା ଯେ, ହାତଗଣତି କିଛି ଧନୀଙ୍କ ଠାରୁ କେତେ ଟିକସ ମିଳିପାରିବ? କିନ୍ତୁ ବିଶ୍ୱ ଆର୍ଥିକ ମଞ୍ଚରେ ଉପସ୍ଥାପନ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଯଦି ଭାରତର ୧୧ଜଣ ସବୁଠାରୁ ଧନୀଙ୍କ ବର୍ଷକ ମଧ୍ୟରେ ବଢିଥିବା ଆୟ ଉପରେ ମାତ୍ର ୧ପ୍ରତିଶତ ଟିକସ ଲଗାଯିବ ତେବେ ସେଥିରୁ ଯେଉଁ ରାଜସ୍ୱ ମିଳିବ ସେହି ଅର୍ଥ ଦେଶର ଜନଔଷଧି ଯୋଜନା ପାଇଁ ହେଉଥିବା ଖର୍ଚ୍ଚର ୧୪୦ଗୁଣ ହେବ। ଅର୍ଥାତ୍ ୧୧ଜଣଙ୍କ ଉପରେ ୧ପ୍ରତିଶତ ଟିକସରୁ ଆୟରେ ଜନଔଷଧି ଯୋଜନା ଭଳି ୧୪୦ଟି ନୂଆ ଯୋଜନା ସରକାର କରିପାରିବେ। ଗତବର୍ଷର ସାଧାରଣ ବଜେଟ ପରେ ସରକାର ଆର୍ଥିକ ପ୍ୟାକେଜ ରପୀ ୫ଟି ମିନି ବଜେଟ ଘୋଷଣା କରିଛନ୍ତି। ଏହି ମିନି ବଜେଟ୍ ଗୁଡିକ ଆର୍ଥିକ ବିଷମତାକୁ ଅଧିକ ବଢାଇବା ପାଇଁ ପ୍ରମୁଖ କାରଣ ପାଲଟିଛି।

+ରାମଚନ୍ଦ୍ରପୁର
ରଣପୁର
୯୪୩୮୪୮୫୦୯୪

ବିଶ୍ୱବିଜୟୀ ଭାରତୀୟ

ସୌମେନ୍ଦ୍ର ଜେନା

କଥାରେ କହନ୍ତି ଯାହା ନାହିଁ ଭାରତେ ତାହା ନାହିଁ ଜଗତେ । ଅର୍ଥାତ୍ ଭାରତରେ ଯାହା ନାହିଁ ଜଗତରେ ତାହା ନାହିଁ । ଏହାର ଅର୍ଥ ହେଲା ଭାରତର ଜଗତ ସହ ରହିଥିବା ପାରସ୍ପରିକ ପରିପୂରକ ସଂପର୍କ । ଭାରତରେ ଯେଉଁସବୁ ବିବିଧତା ଦୃଶ୍ୟମାନ ହୋଇଥାଏ ସେହିସବୁ ବିବିଧତାକୁ ନେଇ ଭାରତୀୟମାନେ ଜଗତକୁ ଅଧିକ ସୁନ୍ଦର ହେବାରେ କାରକ ହୋଇଥାନ୍ତି । ଏହି ବିବିଧତା ଜ୍ଞାନରୁ ବିଜ୍ଞାନ,ଅଧ୍ୟାତ୍ମରୁ ଅଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେଥିପାଇଁ ଭାରତର ଐତିହ୍ୟ, ପରମ୍ପରାକୁ ଯୁଗେ ଯୁଗେ ବିଦେଶୀ ପର୍ଯ୍ୟଟକ ଫାହିୟାନ, ମେଗାସ୍ଥିନିସ ଆଦି ପ୍ରଶଂସା କରିଛନ୍ତି । ସମୟକ୍ରମେ ବହିର୍ବାଣିଜ୍ୟ, କୃଷି, ଜ୍ଞାନ ବିଜ୍ଞାନ, ଆଧ୍ୟାତ୍ମିକ ଚିନ୍ତା ଓ ଚେତନାକୁ ଭାରତୀୟମାନେ ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ କରି ଅନ୍ୟମାନଙ୍କୁ ପ୍ରଭାବିତ କରିଆସିଛନ୍ତି । ଅତୀତରେ ସନାତନୀ ଚେତନା, ବୌଦ୍ଧଧର୍ମ ଯେପରି ଭାରତରୁ ବାହାରି ପୃଥିବୀକୁ ଆଲୋକିତ କରିଥିଲା ଠିକ୍ ସେହିପରି ଭାରତୀୟ ସଂସ୍କୃତି ଏସିଆ ମହାଦେଶର ବିଶାଳ ଭୂଖଣ୍ଡକୁ ଚେତନାଦୀପ୍ତ କରିଥିଲା । ସେଥିପାଇଁ ପୃଥିବୀର ଅନ୍ୟାନ୍ୟ ଧର୍ମରେ ଗୋଟିଏ ଗୋଟିଏ ଗ୍ରନ୍ଥ ଥିଲାବେଳେ ଭାରତର ସନାତନୀମାନଙ୍କର ଧାର୍ମିକ ଗ୍ରନ୍ଥର ଭଣ୍ଡାର ବିଶାଳ । ଏସିଆରୁ ଆଫ୍ରିକା, ଅଷ୍ଟ୍ରେଲିଆ, ଇଉରୋପ ଆଦି ମହାଦେଶରେ ଭାରତୀୟମାନେ ଅତୀତରୁ ଆଜିଯାଏ ନିଜସ୍ୱ ଦକ୍ଷତା ପ୍ରଦର୍ଶନ କରି ଅନ୍ୟମାନଙ୍କୁ ଚମତ୍କୃତ କରିଆସିଛନ୍ତି । ଋଷି କଣାଦଙ୍କ ପରମାଣୁତତ୍ତ୍ୱ, ବରାହ ମିହିରଙ୍କ ଗଣନା, ଆର୍ଯ୍ୟଭଟ୍ଟଙ୍କର ମହାକାଶ ତତ୍ତ୍ୱ ଆଦି ପୃଥିବୀର ଜନମାନସକୁ ହଜାର ହଜାର ବର୍ଷ ଧରି ପ୍ରଭାବିତ କରିଆସିଛି । ବିଶ୍ୱର ଜ୍ଞାନ ଭଣ୍ଡାରକୁ ସମୃଦ୍ଧ କରିବାରେ ଏମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି । ବୌଦ୍ଧ, ଜୈନ, ସନାତନୀ, ଶିଖ୍ ଆଦି ଧାର୍ମିକ ଚେତନା ଭାରତରୁ ବାହାରି ବିଶ୍ୱର କୋଣ ଅନୁକୋଣକୁ ବ୍ୟାପିଛି । ଅତୀତରେ ଧର୍ମପ୍ରସାରଣରେ ପଦ୍ମସମ୍ଭବ ଓ ନା

ଦେହାତୀତ...

ମମତା ପ୍ରିୟଦର୍ଶିନୀ ସାହୁ

କାହାକୁ ଭୁଲିବି
ଅନ୍ଧକାରକୁ ନା ଆଲୁଅକୁ
ସବୁ ତ ମୋର ।

କେମିତି ଧରି ରଖିବି
ତୁମେ ଦେଇଥିବା ଅଗଣିତ ମୁହୂର୍ତ୍ତ
ପ୍ରେମ ଜଡିତ ଅସଂଖ୍ୟ ପ୍ରଶ୍ୱାସ ,
ନା ଅଛି ବାହୁ ରେ ବଳ
ଅବା ହୃଦୟରେ ଧୈର୍ଯ୍ୟ ।

ମୋର ବୋଲି ତୁମେ ତ ଥିଲ
ଥିଲା ତୁମ କଥା -- ଭାଷା ,
ସ୍ନେହ-- ସୋହାଗ ,
ଚତୁଃପାର୍ଶ୍ୱକୁ ମୋ ମହକାଉ ଥିଲେ
ତୁମ ପ୍ରେମର ପରିଭାଷା ।

କୁଆଡେ ଆଜି ହଜିଗଲା
ତୁମ ସ୍ୱର, ତୁମର ଲହର,
ମୋ ଅନ୍ତରାତ୍ମାର କୋକିଳ ରାଗିଣୀ
ମନ ଅଗଣାର ତୁଳସୀ ଚଉରା ।

ମିଛ ମାୟା ସଂସାର ଜାଲରେ
ହାଉଳି ହେବା ହିଁ ସାର
ସବୁ ତୁଚ୍ଛ, ସଂପର୍କ ର ବୁଢିଆଣୀ
ସୂତା ରେ ହଜିବା ହିଁ ସତ ,
କେବଳ ସତ
ତୁମ ଆମ ପ୍ରେମ ଯାହା
ରହିଥିବ ଯୁଗବତ୍ ଅନନ୍ତ ।

ଏଇ ଜୀବନ
ପ୍ରେମ ବିନା ଅପୂର୍ଣ୍ଣ ,
ଅର୍ଥ ନୁହେଁ କି ପ୍ରତିପତ୍ତି
ଅବା ପାଟହାତୀ ସବୁ ଅସାର
ଜୀବନମୟତାର ବିପରୀତ ଦ୍ୱାର ।

ସାଥୀ ଟିଏ ଲୋଡା ଚିରକାଳ
ଆତ୍ମାକୁ ଆତ୍ମାରେ ଲୀନ କରିବାକୁ
ଅସୁମାରୀ ଆଶାକୁ ସାକାର
କରିବାକୁ
ହାତରେ ହାତ ଛନ୍ଦି ସ୍ୱପ୍ନ
ଦେଖିବାକୁ ।

ଝଡ ଆସିବ ତୋଫାନ୍ ବି
ସବୁ ଅଟକେଇ ଦେବାକୁ
ପ୍ରେମ ଗୀତ ପଦେ ଗାଇବାକୁ
ନିହାତି ଜରୁରୀ ପ୍ରିୟ
ସାଥୀ ଟିର ।

ଖାସ୍ ସେଇଥିପାଇଁ ତ
ବିଶ୍ୱାସ ଅଛି
ଆଉ ଭରସା ବି
ପାହାନ୍ତିଆ ତାରା ହସିବ
ଫଗୁଣ ଓ ବୈଶାଖ ବି କହିବ
ତୁମେ ଚିରକାଳ ଏଇ ହୃଦୟରେ,
ମୋ ମନ ସିନ୍ଧୁକର ଫରୁଆରେ
ହସୁଥିବ ଆଉ ହସଉଥିବ ।

+ଓଡିଆ ଅଧ୍ୟାପିକା,
ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍
,ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,
ବାଲିଶଙ୍କରା ,
ସୁନ୍ଦରଗଡ

ଜୀବନ ସମୀକ୍ଷା...

ଅମରନାଥ ବାରିକ୍

ସମୟ ନଦୀତୀରେ ଚୋରା ବାଲିଟେ ହୋଇ
ଯାଉଛି ପାପ ପୁଣ୍ୟ ମୁଁ କରି
ଜାଣେନି କିଏ ଭାରି ପାପ କି ପୁଣ୍ୟ ମୋର
ତୁମକୁ ଜଣା କଳାନାଉରୀ ।

ସୁଖ ଦୁଃଖ ଲହଡ଼ି କେବେ ନେଉଛି ଭିଡ଼ି
ତା' ଗର୍ଭ ଭଉଁରୀରେ ଭସାଇ
ସବୁର ସମାଧାନ ହେ ସାଇ ଭଗବାନ
ଭଉଁରୀ ପାରକର ଗୋସାଇଁ ।

ଚାହେଁନି କରିବାକୁ ପାପ ମୋ ଆପଣାର
ଆସେ ତଥାପି ସିଏ ପାଖେଇ
ପୁଣ୍ୟ କର୍ମକୁ ଭରି ପାପ ଯେ ନିଅ ହରି
ଜଗତ ନାଥ କଳାକହ୍ନାଇ ।

କିଏ ମୁଁ ଦୁନିଆରେ କିବା ମୋ ପରିଚୟ
ଆସିଛି କିମ୍ପାଇ ମୁଁ ଧରାକୁ
କିଏ ମୋର ନିଜର କିଏ ହୋଇବ ପର
ଜଣାଇ ଦିଅ ଏ ଅଜ୍ଞାନକୁ ।

ଲୋଭ ମୋହ ବିନାଶି କ୍ରୋଧ ନିଅ ମୋ ହରି
ହୃଦୟେ ପ୍ରେମ ଦୀପ ଜଳାଇ
ଦିଅ ଦର୍ଶନ ବାରେ ଭାଳେ ଏ ମହାପାପୀ
କଳା ଠାକୁର ବିଶ୍ୱ ଗୋସାଇଁ ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫

ପ୍ରେମ...

ପ୍ରଶାନ୍ତ କୁମାର ନାଥ

ପାଇବାକୁ କିଛି ଆଶା ବାନ୍ଧି ମନେ
ପାଇଥାଏ ଯିଏ ଭଲ
ସିଏକି ବୁଝିବ ପ୍ରେମର ମରତ୍ତ୍ୱ
ଭଲପାଇବାର ମୂଲ ।

ଭଲପାଏ ବୋଲି କହିଲେ କାହାକୁ
ହୋଇଯାଏ ନାହିଁ ପ୍ରେମ
ମନର ସାଥିରେ ମନର ମିଳନ
ପ୍ରେମର ଯେ ଅନ୍ୟନାମ ।

ପାଇବାକୁ କିଛି ଭଲ ପାଉଥିଲେ
ସ୍ୱାର୍ଥରେ ହୋଇବ ଗଣା
ପ୍ରେମର ନାମରେ କଳଙ୍କ ଲାଗିବ
ହୋଇଯିବ ବାଟବଣା ।

ପ୍ରେମ ଯେ ଅଟଇ ପବିତ୍ର ଶବ୍ଦରେ
ହୃଦୟୁ ଜାଗ୍ରତ ହୁଏ
ରୂପରେ ପଛରେ ପଡିଥାଏ ଯିଏ
ତାହା କେବେ ପ୍ରେମ ନୁହେଁ।

+ବାଙ୍ଗାଲୋର
ମୋ: ୦୮୮୯୨୩୦୧୧୪୩

ମୋ ଭାଷା ମୋ ସାହିତ୍ୟ...

ବେଣୁଧର ସୂତାର

ଭାଷା ଓ ସାହିତ୍ୟ ଜାତିର ଅସ୍ତିତ୍ୱ
ଭାଷା ଜାତି ପ୍ରାଣ ସ୍ପନ୍ଦନ
ବିଭିନ୍ନତା ମଧ୍ୟେ ଏକତାର ସୂତ୍ର
ମଧୁମନ୍ତ୍ରେ ବିଶ୍ୱ ବନ୍ଧନ ।
ଭାଷା ଭାବ ସିନ୍ଧୁ ଜାତି ପ୍ରାଣ ବିନ୍ଦୁ
ମାତୃଭୂମି ମାତୃଭାଷା
ଭାଷା ବିଭୂଷଣେ ଭାସ୍ୱର ଭାରତୀ
ପରିବ୍ୟାପ୍ତ ଜାତି ଆଶା ।
ଭାଷାର ପ୍ରୟୋଗେ
ସାହିତ୍ୟ ଶୋଭିତ
ସାହିତ୍ୟରେ ଭିଜେ ଭାଷା
ସାହିତ୍ୟ ସାଧନେ ଶିକ୍ଷାର ପ୍ରଗତି
ସ୍ୱର୍ଣ୍ଣିମ ବିଭବ ଆଶା ।
ଭାଷାଟି ଜାତିର ଐଶ୍ୱର୍ଯ୍ୟ ପ୍ରତୀକ
ସଂସ୍କୃତିର ସୂକ୍ଷ୍ମ କଳା
ଜନ ଜୀବନର ଆକାଂକ୍ଷା ନିର୍ଝର
ପ୍ରଗତିର ମୁଖଶାଳା ।
ଜାତି ସ୍ୱାଭିମାନ ମର୍ଯ୍ୟାଦା ସମ୍ପର୍କ
ଭାବରତ୍ନ ହୀରା ମୋତି

ଭାଷା ଚେତନାର ଦିବ୍ୟ ବଇଭବ
ଆତ୍ମ ବିଶ୍ୱାସର ସ୍ଥିତି ।
ଭାଷା ଯେ ଭାବର ଆଦାନ ପ୍ରଦାନ
ଭାଷା ମୈତ୍ରୀ ମନ୍ଦାକିନୀ
ଭାଷା ଅନୁରାଗ ଭାଷାର ପରାଗ
ପ୍ରାଣ ବିନ୍ୟାସର ଧ୍ୱନି ।
ମାତୃଭୂମି ମାତୃଭାଷାର ମମତା
ମାତୃଭାଷାର ପ୍ରୀତି
ସଦାକାଳେ ତୋଳେ କ୍ରାନ୍ତିର ସୁର
ଚିରନ୍ତନୀ ଜୟ ଗୀତି ।
ଭାଷା ସମୃଦ୍ଧିର ଭିନ୍ନ ପରିଚୟ
ଶିକ୍ଷା ଦୀକ୍ଷା ଜ୍ଞାନ ଜ୍ୟୋତି
ଶାନ୍ତି ଓ କ୍ରାନ୍ତିର ଅମୃତ ଲହରୀ
ଦିବ୍ୟଭୂତି ଅନୁଭୂତି ।
ଭାଷା ବିକାଶର ସ୍ୱର ଓ ସ୍ୱାକ୍ଷର
ଭାଷା ପ୍ରାଣ ସଞ୍ଜିବନୀ
ଆସ ସର୍ବେମିଳି ଗାଇବା ଭାଷାର
ମଧୁମୟ ଆବାହନୀ ।
ଭାଷା କମଳିନୀ ସମୃଦ୍ଧ ଶାଳିନୀ
ଲେଖନୀର ତୂର୍ଯ୍ୟନାଦେ
ଜାତିନନ୍ଦିଘୋଷ ବାହିବା ଆନନ୍ଦେ
ଭାଷାପ୍ରୀତି ଗଦ୍ ଗଦେ ।

+କେଶଦୁରାପାଳ, କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

କବିତା ଲେଖିବା ବେଳ...

ସିଦ୍ଧେଶ୍ୱର ତ୍ରିପାଠୀ

କବିତା ଲେଖିବାକୁ ବି
ଗୋଟେ ବେଳ ଲୋଡ଼ା ହୁଏ ନା !
ସେ ବେଳ ଯେବେ ବାର ବାର
ହାତ ଛଡା ହୁଏ
କେମିତି ଲାଗେ ବନ୍ଧୁ,
କହିପାରିବ କି ?

ଚପଳମତି ମନ ହଜିଲା ପରେ
ପୀରତିର ମିଠା ମୋହରେ ଦେହ
ଭିଜିଲା ପରେ
ବିରହର ଅଦେଖା ନିଆଁରେ
ଜୀବନ ସିଝିଲା ପରେ

ଧିରେ ଧିରେ ବଦଳିଯାଏ ଭାବ ଭାଷା
ଶବ୍ଦ ଆଉ ସ୍ୱରର ସମାହାର
କେବେ କେବେ ଏଇ କବିତା
ହସର ସନ୍ଦେଶ ଆଉ କେବେ
ବାସ୍ତବ ଠିକଣା ଟୋପାଏ ଲୁହର ।

ଗୋଟି ଗୋଟି ଧଳା ଦିଶେ
କଳା କଳା ଚିକିମିକି ଚୁଟି
କବିତା ଲେଖିବାକୁ କିଏଦ୍ୱେ
ଏ ଜୀବନକୁ ଜଞ୍ଜାଳରୁ
ନିମିଷକେ ଛୁଟି ।

କାମ ଆଉ ପଇସାରେ ଲୟ
ବୟସର ଆଶା ଆଉ ସଂସାରର ମୋହ
ଦାୟିତ୍ୱ ଆଉ କାର୍ତ୍ତବ୍ୟର ଫାସ
ଏତିକିତ କେବଳ ଯଥେଷ୍ଟ
କବିତାକୁ କରିବାକୁ ସମୂଳେ ବିନାଶ।

+ଖୋର୍ଦ୍ଧା

ମିଷ୍ଟି ମିଶ୍ର : ଦୂର ଆକାଶର ତାରା...

ବିପ୍ଳବ

ମିଷ୍ଟି ମିଶ୍ରର ଧୋକ୍କା
ତା ପ୍ରେମଠୁଁ ବି ଚୋଖା...
ଭାବୁଥିଲି ମୋତେ ବର୍ବାଦ୍
କରିଦେଲା ଶାଲୀ
ଏବେ ଦେଖୁଚି
କେତେ ବିନ୍ଦାସ୍ ମୋ ଜୀବନ ।

ଏ କଥା ସତ
ହଳେ ହରିଣୀ ଆଖି
ପଟେ ପଳାଶ ଫୁଲିଆ ଓଠ
ଦୁଇ ପଟ ପାଣି କାଚ
ଆଉ ଛମ୍ ଛମ୍ ପାଉଁଜି ହଳେ
ଏତିକି ଯଥେଷ୍ଟ ଥିଲା
ମୋ ପୁରୁଷ ପଣିଆ ଚହଲେଇବାକୁ
ଆଉ ବତୁରେଇବାକୁ
କାଗଜ ଡ଼ଙ୍ଗା ପରି,
ଗୋଟେ ଶକ୍ତ ଛାତିକୁ ।

କୋଲଡ୍ରିଂକ୍ସ ଠୁଁ କଲେଜ୍
ମେସ୍‌ରୁ ମାଉସୀ ଘର
ବାଙ୍କୀରୁ ବୈଦେଶ୍ୱର
ଲିପିସ୍ଟିକ ଠୁଁ ନାପକିନ
ଆଳୁଚପ୍ ଠୁଁ କ୍ୟାଡବରୀ
ଗୋଟେ ଫାଲତୁ ଜୀବନରୁ
ମୁଁ ଯେମିତି ଆସିଲି ଫେରି ।

ଲେଡ଼ିଜ୍ ହଷ୍ଟେଲ୍ ଝରକା ଫାଙ୍କରେ
କେତେଟା ଚୁମା
ସମୁଦ୍ର କୂଳ ଲଜର
ହାତ ଗଣତି ରାତି
କିଛି ତତଲା ନିଶ୍ୱାସ
କିଛି ମିଠା ସ୍ମୃତି
ଏବେ ଏତିକି ମୋ ସମ୍ବଳ ।

ମିଷ୍ଟି ମିଶ୍ର ଝିଅ ନୁହେଁ
ମୋ ଆଖିରେ ଜମାଟ ହୋଇଥିବା
ଆଞ୍ଜୁଳାଏ ବର୍ଷା
ପୁଣି ମୋ ଛାତିରେ ବସା ବାନ୍ଧି ଥିବା
ଡହକ ଲଗାଣ ଖରା
ତାକୁ ଦେଖିବା ସହଜ
ଧରିବା ମୁସ୍କିଲ
ଯେମିତି ଦୂର ଆକାଶର ତାରା ।

+ମକୁନ୍ଦପୁର, ବାଙ୍କୀ-୭୫୫୦୦୮
ମୋ: ୯୪୩୭୪୬୮୦୧୬

ହୃଦୟ ତୁମକୁ ଝୁରେ...

ଝରଣା ବାରିକ

ତମେ ଦେଇଗଲ ପ୍ରେମର ଭରଷା
ଅସରନ୍ତି ସ୍ୱପ୍ନ ମନେ
ଖୋଜୁଛି ତୁମକୁ ସହର ବଜାରେ
ଗ୍ରାମ ଗିରି ଘୋର ବନେ
ମନେ ବସା ଦେଲ କରି
ଲାଗେ ଯେ ଏମିତି ଅଶାନ୍ତ ସାଗରେ
ତମେ ମୋ ଜୀବନ ତରୀ ।

ଅସ୍ଥିର ହେଉଛି ମୋ ସରଳ ମନ
କାହିଁ ରହିଅଛ ଦୂରେ
ଗଲାପରେ ତୁମ ସ୍ମୃତିଟି ଭିଜାଏ
ମନ ମୋ ତୁମକୁ ଝୁରେ
ସାତ ଜନମର ସାଥୀ
ରଖିଚି ରଖିବି ହୃଦୟରେ ସାଇତି
ଦେଉଛି ଗୋ ପ୍ରତିଶ୍ରୁତି ।

ଆଜି ମୁଁ ନୀରବ ନାହିଁ ପ୍ରତିବାଦ
କୋହ ଭରା ହୃଦ ଛୁଟେ
ନିରୁଧିଷ୍ଟ ଆଜି ମୋ ପ୍ରେମର ସଂଜ୍ଞା
ଲୁହ ଧାରେ ଆଶା ଫୁଟେ
ତୁମେ ମୋ ଜୀବନ ଧାରା
ତୁମ ପାଇଁ ମୁହିଁ ଭୁଲି ଯାଇଅଛି
ସବୁ ଏ ଦୁନିଆ ସାରା ।

+ସମଲ, ତାଳଚେର, ଅନୁଗୁଳ
ମୋବାଇଲ :- ୯୫୫୬୮୪୬୯୩୨

ପୁନେଇଁ ଜହ୍ନ ...

ଡଃ ମାଙ୍ଗଳିକା ମହାପାତ୍ର

ଛାତ ଉପରେ ଦେଖିଲି
ଯେବେ ପୁନେଇଁ ଜହ୍ନ
ଅସୁମାରୀ ସ୍ୱପ୍ନରେ
ଭରିଗଲା ଏ ମନ ...

ଜହ୍ନର ସଫେଦ ଜୋଛନା
ହୃଦୟକୁ କଲା ଆନମନା
ତା ଦେହର କଳଙ୍କ
ମନେ କଷିଲା କେତେ ଅଙ୍କ
କାହିଁକି କେଜାଣି ସେ କାଳିମା
ମନେ ଭରିଦେଲା
ଫଗୁଣର ଲାଳିମା ..

କଇଁ ପାଇଁ ତାର ଅକୁହା ପ୍ରେମ
ସୃଷ୍ଟି କରେ ମନେ ଅଯଥା ଭ୍ରମ
ପୁନେଇଁ ଜହ୍ନ ଭରା ପ୍ରେମରେ
ଝଲସୁ ଥାଏ
ଆଉ ଉଆଁସୀ ଜହ୍ନ ଅନୁତାପର
ନିଆଁ ରେ ଉଭେଇ ଯାଏ
ପୁନେଇଁ ଜହ୍ନର ଶୀତଳତାକୁ
ହୃଦୟେ ଭରି ...

ଅମାବାସ୍ୟାର ଅନ୍ଧକାରରୁ
ହୁଅ ଗୋ ପାରି ...

+ପ୍ଲଟ ନଂ ୩୫୩ ,
କିଟ୍ ବିଶ୍ୱବିଦ୍ୟାଳୟ

ଗ୍ରୀଷ୍ମ ଆଗମେ...

ବିଜୟଲକ୍ଷ୍ମୀ ପାଣିଗ୍ରାହି

ଗ୍ରୀଷ୍ମ ଆଗମେ ମହୀ ଦୁଃଖେ
ବସିଛି ଉଦାସୀନ ମୁଖେ।
ବିଦାୟ ନେଲା ସେ ବସନ୍ତ
ସରିଲା ମଧୁମାସ ନୃତ୍ୟ।
ହଜିବ ଶୋଭା ଶିରୀ ଯେତେ
ପୋଡି ପାଉଁଶ ହେବ ସତେ।
ଅନଳ ବରଷିବା ପ୍ରାୟେ
ରବି କିରଣ ଛାଡୁଥାଏ।
ଦିନର ବୃଦ୍ଧି ରାତି କ୍ଷୟ
କରାଳ ଭୁତାଣୁର ଭୟ।
ମାଟି ପବନ ବିଷମୟ
ଜୀବନ ଧାରଣ ଦୁଃସହ୍ୟ।
ମୁଖ ମଣ୍ଡଳେ ତୁଣ୍ଡି ବନ୍ଧା
ବନ୍ଦୀ ଜୀବନ ବଡ଼ ବାଧା।
ଭାଙ୍ଗିଲା ମଣିଷ ଗରବ
ପ୍ରକୃତି ରଚିଲା ତାଣ୍ଡବ।
ନାସିଲୁ ଜଙ୍ଗଲ ସମ୍ପଦ
ତେଣୁ ପଡିଲା ଏ ବିପଦ।
ଏବେ ତ ସ୍ୱାର୍ଥ ପରିହରି
ଅପର ପାଇଁ ଜୀବ ଧରି।
ଆସ ଜଗତ ଉଦ୍ଧାରିବା
ପ୍ରାଣୀ ଉଦ୍ଭିଦ ବଞ୍ଚାଇବା।
ତେବେ ତ ହସିବ ଧରଣୀ
ମହ୍ୟ ପାଇବ ଯେହ୍ନେ ପାଣି।
ମଣିଷ ହେଲେ ଅଶ୍ରୁ ମୁକ୍ତ
ହସିବ ଯାଇ ଏ ଜଗତ।

+କୁନ୍ଦୁରା, ଜୟପୁର,କୋରାପୁଟ
ମୋ-୮୨୪୯୪୫୦୦୫୦

ବାପା...

ଅନୀଲ କୁମାର ଲେଙ୍କା

ବାପା !
ବେଳେ ବେଳେ ଇଚ୍ଛା ହୁଏ,
ପରଖିବାକୁ ତୁମର ମହାର୍ଘ୍ୟ ଜୀବନକୁ,
ଯନ୍ତ୍ରଣା ସବୁକୁ ନିଜେ ଚାପିରଖି ଜଞ୍ଜାଳ ଓଜନକୁ
ଅନାୟସରେ ଆୟତ କରିଥିବା ତୁମର ସେଇ ଦମ୍ଭିଲା ଛାତିକୁ !

ବାପା !
ବେଳେ ବେଳେ ଇଚ୍ଛା ହୁଏ,
ଜାଣିନେବାକୁ ତୁମର ସେଇ ସହଜତାକୁ,
ସଂସାର ଯାକର ଦୁଃଖ ଲୁଚାଇଥିବା ସେଇ ହୃଦୟକୁ,
ଅତି ଦମ୍ଭରେ କେମିତି ସମ୍ମୁଖୀନ ହୁଅ ସବୁ ବିପଦ ଆପଦକୁ !

ବାପା !
ବେଳେ ବେଳେ ଇଚ୍ଛା ହୁଏ,
ତୁମକୁ ତ ଖୁବ୍ ନିକଟରୁ ପଢି ନେବାକୁ,
ପ୍ରବୀଣ ଅଭିନେତା ପରି ତୁମ ନିଖୁଣ ଅଭିନୟକୁ,
ମୁହଁ ଉପରେ ପରସ୍ତେ ରଙ୍ଗଲେପି ଅଭାବର ସେଇ ସ୍ମିତହସକୁ !

ବାପା !
ବେଳେ ବେଳେ ଇଚ୍ଛା ହୁଏ,
ମନଭରି ଟିକେ ଯେ ଅନୁଭବ କରିବାକୁ,
ତ୍ୟାଗ ବଳୀଦାନର ଯେତେ ସବୁ ଭବ୍ୟ ପ୍ରତୀକକୁ,
ଲୁହ ଲହୁ ନିଗାଡି ନିରନ୍ତର ମୋ ପାଇଁ କରିଥିବା ସମର୍ପଣକୁ !

ବାପା,
ବେଳେ ବେଳେ ଇଚ୍ଛା ହୁଏ,
ବୁଝିବାକୁ ସତେ, ଅଳି ପୂରଣ କରିବାକୁ,
ଆଉ ମୋର ଭବିଷ୍ୟତର ସ୍ୱପ୍ନକୁ ସାକାର କରିବାକୁ,
ଚତୁରତାର ସହ କବର ଦେଇଛ ନିଜର ଯେତେ ସବୁ ଖୁସିକୁ !

ବାପା !
ବେଳେ ବେଳେ ଇଚ୍ଛା ହୁଏ,
ନୀରବରେ ନିମିଷେ କାନଡେରି ଶୁଣିବାକୁ,
ପେଟରେ ହଜମ ହୋଇଥିବା କଷଣର ଶବ୍ଦ ସବୁକୁ,
ଆଉ ତୁମ ଅନ୍ତର ଭିତରରେ ନିର୍ବାସିତ ଅକୁହା କୋହ ଗୁଡ଼ିକୁ !

ବାପା !
ବେଳେ ବେଳେ ଈର୍ଷା ହୁଏ,
ଦେଖିଲେ ତୁମରି ପୂରୁଣା ଚପଲ ହଳକୁ,
ସେ ମଧ୍ୟ ତୁମଠାରୁ ଶିଖି ଯାଇଛନ୍ତି ମିଛ କହିବାକୁ,
କେମିତି, ସହିବାକୁ ହୁଏ ଓଠ ଚିପି ପରିବାରର ଅନାଟନକୁ !

ଏଇ ଦେଖୁନା,
ଆଜି ଦୁନିଆର ବୋଝ ମୋ ପିଠିରେ ,
ତଥାପି ମୁଁ ନିର୍ବିକାର, ଦୀର୍ଣ୍ଣ-ଖଣ୍ଡିତ ଅବୟବରେ,
ସମ୍ପର୍କକୁ କଷଟି ପଥରରେ ମାପି ନେଇଛି ସହଜତାରେ,
ତୁମ ପ୍ରେରଣା ଓ ଆଶୀଷ ସବୁକୁ ଭରି ମୋ ବିଦଗ୍ଧ ପ୍ରାଣରେ !

+ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ
ନୂଆପଡା



ଏଇ ପ୍ରେମ ମୋତେ...

ଶ୍ରୀ ସତ୍ୟବ୍ରତ ସାହୁ

ଏଇ ପ୍ରେମ ମୋତେ କବି କଲା ଅବା କଳଙ୍କିତ ଦେଲା କରି,
ବୁଝି ପାରିଲିନି ପ୍ରେମ କଲି ସିନା ଜତିଲି କି ଗଲି ହାରି । (୦)
ପ୍ରେମ ସିନା ମୋର ଜୀବନେ ଗଢିଲା ନୂଆ ଏକ ଇତିହାସ,
ତଥାପି କାହିଁକି କେଜାଣି ସେ ମୋତେ କରେ ଆଜି ପରିହାସ,
ଜାଣି ପାରିଲିନି ପ୍ରେମର ନିଆଁରେ
ଜାଳିଲି ବା ଗଲି ଜଳି...।

ପ୍ରେମର ନାବରେ ବଣିକ ସାଜିଲି ପ୍ରେମର କାଳିରେ କବି,
ପ୍ରେମ ମାରିପାରେ ଜୀଇଁବାର ରାହା ମୁଁ ତା'ର ଅନୁଭବୀ,
ଆଜିଯାଏଁ ମୋତେ ନିହାତି ଅବୁଝା
ପ୍ରେମର ରଙ୍ଗ କିପରି...।

ଏଇ ପ୍ରେମ ମୋତେ କବି କଲା ଅବା କଳଙ୍କିତ ଦେଲା କରି,
ବୁଝି ପାରିଲିନି ପ୍ରେମ କଲି ସିନା ଜତିଲି କି ଗଲି ହାରି ।

+ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

ମୁକ୍ତିର ମୋହ...

ଜୟଶ୍ରୀ ମହାରଣା

କହିବାକୁ ଅଛି ଅନେକ କାହାଣୀ ହୃଦୟେ ରଖିଛି ଚାପି
ସମାଜଟା କହେ ଝିଅଟିଏ ତୁହି ଚଳୁଥାଆ ମାପିଚୁପି ।

ପୁରାଣରେ ନାରୀ ପୂଜିତା ବନ୍ଦିତା ଆଜି କିନ୍ତୁ ନିର୍ଯାତିତା
ମାତାପିତା ମନେ ଅନେକ ଆଶଙ୍କା ଘାରେ ସୁରକ୍ଷାର ଚିନ୍ତା ।

ଜନ୍ମ ଦେଇ ମାଆ ମୋତିଟେ ଭାବୁଛି ଦୁନିଆ କହୁଛି ତୁଚ୍ଛ
ବାପାଙ୍କ ଆଖିର ତାରା ସାଜେ ସିନା ଅଜ୍ଞାନ ଭାବନା ନୀଚ
ଉଡିବାକୁ ଅଛି ବିଶାଳ ଆକାଶ ଚାଲିବାକୁ ଧରାକୋଳ
କେମିତି କହିବି ମୋ ପାଇଁ କା ମନେ ଅଛି ବିଷ ହଳାହଳ ।

ଅନ୍ଧକାର ଚିରି ଆତଙ୍କ ହସୁଛି ଦିନର ଆଲୋକ ଛୁଇଁ
ବଳାତ୍କାର ଭୟ ପାଦକୁ ଟାଣୁଛି ଅବସାଦେ ଭଗ୍ନ ମୁହିଁ
ତଥାପି ସାହସ ଧୈର୍ଯ୍ୟକୁ ଆୟତ୍ତ କରିଛି ଗଢୁଛି ନିଜର ସ୍ୱପ୍ନ
ଜୀବନ ପଥରେ ଆଗେଇ ଚାଲିଛି ଡେଇଁ କେତେ ବାଧାବିଘ୍ନ ।

ଅନନ୍ୟା ଅନ୍ତରେ ଅକୁହା ଅନଳ ଅର୍ଦ୍ଧଦଗ୍ଧ ମନପ୍ରାଣ
ମୁକ୍ତିର ମୋହରେ ମଉଳିନି ଆଶା ଆସିବ ସେ ଶୁଭଦିନ ।

+ବାଣପୁର, ଖୋର୍ଦ୍ଧା
ମୋ: ୮୯୧୭୩୫୯୯୭୦

ଶ୍ରମିକମାନେ ଦେଶର ଅର୍ଥନୀତି ଏବଂ ପ୍ରଗତିର ମେରୁଦଣ୍ଡ: ମନ୍ତ୍ରୀ

ଭୁବନେଶ୍ୱର,୩/୫ (ନି.ପ୍ର): ଶ୍ରମିକମାନେ ଦେଶର ଅର୍ଥନୀତି ଏବଂ ପ୍ରଗତିର ମେରୁଦଣ୍ଡ। ରାଜ୍ୟ ତଥା ଦେଶର ଶିଳ୍ପାୟନ ତଥା ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରମିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରମିକମାନଙ୍କ ସାମଗ୍ରିକ ଉନ୍ନତି ପ୍ରତ୍ୟେକଙ୍କ ନୈତିକ ଦାୟିତ୍ୱ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ତଥା ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ହିନ୍ଦ୍ ମଜଦୁର ସଭା ଆନୁକୂଲ୍ୟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଅବସରରେ ଆୟୋଜିତ ୱେବିନାରରେ ଯୋଗଦେଇ ଶ୍ରୀ ସ୍ୱାଇଁ କହିଲେ ଯେ କୋଭିଡ୍-୧୯ ମହାମାରୀ ଯୋଗୁଁ ଗତ ଏକବର୍ଷରୁ ଊର୍ଦ୍ଧ୍ୱ ହେବ ଆମେ ସମସ୍ତେ ଏକ ଅସ୍ୱାଭାବିକ ପରିସ୍ଥିତି ଦେଇ ଗତି କରୁଛୁ। ଏଥିରେ ପ୍ରାୟ ସମସ୍ତେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଶ୍ରମିକ ଓ ବିଶେଷ କରି ଅଣ-ସଂଗଠିତ କ୍ଷେତ୍ରର ଶ୍ରମିକମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ତଥାପି ମହାମାରୀର ମୁକାବିଲା କରିବା ପାଇଁ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଶ୍ରମିକମାନେ ଦିନରାତି ଏକାକାର କରିଦେଇଛନ୍ତି। ଏପରି କ୍ଷେତ୍ରରେ ଶ୍ରମିକମାନଙ୍କ କଲ୍ୟାଣ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରମିକ ମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସାମାଜିକ ସୁରକ୍ଷା ତଥା ଉନ୍ନତିମୂଳକ ଯୋଜନା ସମ୍ବନ୍ଧରେ ଆଲୋଚନା କରିବା ସହ ଏହା ସମଗ୍ର ଦେଶରେ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥି ସହିତ ଶ୍ରମିକମାନଙ୍କ ପାଇଁ ଥିବା ଶ୍ରମ ଆଇନ୍‌କୁ କଡାକଡି ଭାବେ ପାଳନ କରାଯିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ ବୋଲି ଶ୍ରୀ ସ୍ୱାଇଁ ମତ ପ୍ରକାଶ କରିଥିଲେ। ଏହି ଅବସରରେ କୋଭିଡ-୧୯ ମହାମାରୀ ସମୟରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ପ୍ରତି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗଭୀର ଶ୍ରଦ୍ଧାଞ୍ଜଳି ମଧ୍ୟ ଜ୍ଞାପନ କରିଥିଲେ।

ୱେବିନାରରେ ଯୋଗଦେଇ ରାଜ୍ୟସଭା ସାଂସଦ ସୁବାସ ସିଂ କହିଲେ ଯେ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷାକୁ ନିଶ୍ଚିତ କରିବା ଦିଗରେ ଅଧିକ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ ହେବା ଦରକାର। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା ଓ ସୁରକ୍ଷା ବ୍ୟବସ୍ଥାରେ ଶ୍ରମିକ ମାନଙ୍କ ନିମନ୍ତେ ଘର, ଶ୍ରମ ଉପକରଣ, ସାଇକେଲ ସହ ଉପକରଣ, ପିଲାମାନଙ୍କ ପାଇଁ ଛାତ୍ରବୃତି ଆଦି ଉଲ୍ଲେଖନୀୟ ସହାୟତା ଫଳରେ ଶ୍ରମିକମାନଙ୍କ ଜୀବନ ଶୈଳୀରେ ନିଶ୍ଚିତ ଭାବେ ଉନ୍ନତି ଆଣିପାରିଛି।

ୱେବିନାରରେ ଅନ୍ୟମାନଙ୍କ ମଧ୍ୟରେ ବିକାଶ ମହାପାତ୍ର, ଦିବ୍ୟସିଂହ ନାୟକ, ରକ୍ଷାକର ଅନୁପମ, ଡ଼ା. ଅରୁଣ କୁମାର ପ୍ରହରାଜ, ଅମିତ କୁମାର ମୋଟାଏଡ଼, ସତ୍ୟ ଭୂଷଣ ରାଉତ ଏବଂ ଅଶୋକ କୁମାର ବରାଳ ଆଦି ପ୍ରମୁଖ ବକ୍ତା ଭାଗନେଇ ଅଣ-ସଂଗଠିତ କ୍ଷେତ୍ର ତଥା କୃଷି ଶ୍ରମିକମାନଙ୍କ ସୁରକ୍ଷା ନମି ନ୍ତେ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକ ଓ ବିଭିନ୍ନ ଦିଗ ସଂପର୍କରେ ବିଧାନସଭାରେ ଆଲୋଚନା ହେଉବୋଲି ମତ ପ୍ରକାଶ କରିଥିଲେ।

ସାମ୍ବାଦିକଙ୍କ ପାଇଁ ସରକାରଙ୍କ ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ: ସାମ୍ବାଦିକ ମିଳିତ ମଂଚ

ଭୁବନେଶ୍ୱର,୩/୫ (ନି.ପ୍ର): ସାମ୍ବାଦିକଙ୍କ ଏବେ ଆଗ ଧାଡ଼ିର କରୋନା ଯୋଦ୍ଧା । ଏହି ନିଷ୍ପତି ପାଇଁ ରାଜ୍ୟ ସରକାରଙ୍କୁ ସାମ୍ବାଦିକ ମିଳିତ ମଞ୍ଚ ପକ୍ଷରୁ ଆନ୍ତରିକତା ଧନ୍ୟବାଦ ଓ ଶୁଭେଚ୍ଛା ପ୍ରଦାନ କରାଯାଇଛି । ତେବେ ଯେଉଁ ସାମ୍ବାଦିକମାନଙ୍କ ନାମ ତାଲିକାରେ ନାହିଁ ସେମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ନିବେଦନ କରାଯାଇଛି । ସେହିପରି ସମ୍ମୁଖ ଯୋଦ୍ଧା ମାନଙ୍କ ପାଇଁ ଯେପରି ମୃତ୍ୟୁରେ ୫୦ଲକ୍ଷ ଟଙ୍କା ଘୋଷଣା ରହିଛି ସେହିପରି ସାମ୍ବାଦିକଙ୍କ କ୍ଷେତ୍ରରେ ୧୫ଲକ୍ଷକୁ ୫୦ଲକ୍ଷ ଘୋଷଣା କରିବା ସାମ୍ବାଦିକଙ୍କ କଲ୍ୟାଣ ପାଣ୍ଠି ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବିମାକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବିମାରେ ସାମ୍ବାଦିକଙ୍କ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା କିମ୍ବା ସାମ୍ବାଦିକଙ୍କ ବାପା'ମା'ଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ପାଇଁ ନିବେଦନ କରାଯାଇଛି । ଏଥି ସହ ସାମ୍ବାଦିକମାନଙ୍କୁ ସ୍ୱତନ୍ତ୍ର ଭାବେ ଶିଘ୍ର ଟିକା ବ୍ୟବସ୍ଥା କରିବାକୁ ସାମ୍ବାଦିକ ମିଳିତ ମଞ୍ଚର ଆବାହକ ଲିଙ୍ଗରାଜ ସାହୁ ନିବେଦନ କରିଛନ୍ତି । ମଇ ୩ତାରିଖ ହେଉଛି ବିଶ୍ୱ ପ୍ରେସ ସ୍ୱାଧିନତା ଦିବସ । ଏହି ଅବସରରେ ମଞ୍ଚ ପକ୍ଷରୁ ସାମ୍ବାଦକମାନେ ସତର୍କ ହୋଇ କାର୍ଯ୍ୟ କରିବାକୁ ନିବେଦନ କରାଯାଇଛି । କରୋନାର ଦ୍ୱିତୀୟ ଲହରୀରେ ଓଡ଼ିଶାରେ ବହୁ ସାମ୍ବାଦିକ ପ୍ରାଣ ହରାଇଲେଣି । ବହୁ ସାମ୍ବାଦିକ ଏହି ରୋଗରେ ଆକ୍ରାନ୍ତ ହେଲେଣି । ଏଥି ପାଇଁ ସତର୍କ ରହି କାର୍ଯ୍ୟ କରିବାକୁ ନିବେଦିନ କରାଯାଇଛି । ସ୍ୱର୍ଗପ୍ରାପ୍ତି ହୋଇଥିବା ସାମ୍ବାଦିକଙ୍କୁ ସାମ୍ବାଦିକ ମିଳିତ ମଞ୍ଚ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ପୁଣି ଦାବି ଦୋହରାଇଛି ।

ଟିକା ଅଭାବ ଥିବାରୁ ୧୫୦୦ କେନ୍ଦ୍ରରୁ ମାତ୍ର ୨୫୬ କେନ୍ଦ୍ରରେ ଆଜି ଟିକାକରଣ ଚାଲିଛି: ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୩/୫ (ନି.ପ୍ର): ଆଜିଠାରୁ ରାଜ୍ୟରେ ୧୮ରୁ ୪୪ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ଟିକାକରଣ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ୪୫ରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ଟିକାକରଣ ଚାଲୁ ରହିଛି। ଟିକା ଅଭାବ ଥିବାରୁ କମ କେନ୍ଦ୍ରରେ ଟିକାକରଣ ଚାଲିଛି । ମୋଟ ୧୫୦୦ କେନ୍ଦ୍ରରୁ ମାତ୍ର ୨୫୬ କେନ୍ଦ୍ରରେ ଆଜି ଟିକାକରଣ ଚାଲିଛି। ଏବେ ରାଜ୍ୟରେ ମୋଟ ୪୬ ହଜାର ୨୨୦ କୋଭିସିଲ୍ଡ ଟିକା ମହଜୁଦ ରହିଥିବା ବେଳେ ୩ ଲକ୍ଷରୁ ଅଧିକ କୋଭାକ୍ସିନ ଟିକା ଅଛି। ଆସନ୍ତା ୨ ଦିନ ମଧ୍ୟରେ ଆଉ ଟିକା ଆସିବା ସମ୍ଭାବନା ରହିଛି। ଆହୁରି ଅଧିକ ୨୫ ଲକ୍ଷ ଟିକା ପାଇଁ ରାଜ୍ୟ ସରକାର ଅର୍ଡର କରିଛନ୍ତି। ଯଦି ଟିକା ପହଞ୍ଚେ ତେବେ ପୁଣି ସବୁ କେନ୍ଦ୍ରରେ ଟିକାକରଣ ବ୍ୟାପକ କରାଯିବ ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ।

ରଣଭୂଇଁ ପକ୍ଷରୁ ବିଶ୍ୱ ଗଣମାଧ୍ୟମ ଦିବସ ପାଳିତ

ଭୁବନେଶ୍ୱର,୩/୫ (ନି.ପ୍ର): ସାପ୍ତାହିକ ସମ୍ବାଦପତ୍ର ରଣଭୂଇଁ ପକ୍ଷରୁ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସାହିତ୍ୟ ପତ୍ରିକା 'ବୋଉ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପତ୍ରିକାର ଅଧ୍ୟକ୍ଷ ତଥା ସ୍ତମ୍ଭକାର ବନମାଳୀ ସାମନ୍ତରା, ମୁଖ୍ୟ ଅତିଥି ଭାବେ, ପତ୍ରିକାର ସମ୍ପାଦକ, କବି, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଓ ଖବରକାଗଜର ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା ବରେଣ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ସମ୍ବାଦପତ୍ରର ଦାୟିତ୍ୱ ବହୁଗୁଣରେ ବୃଦ୍ଧି ପାଇବା ସହିତ ରାଷ୍ଟ୍ରଗଠନରେ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ନେତାଜୀ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ଶରତଚନ୍ଦ୍ର ନାୟକ ମୁଖ୍ୟବକ୍ତା ଓ ସାମ୍ବାଦିକ ଅଭିମନ୍ୟୁ ଧଳ ଯୋଗଦେଇ ଗଣମାଧ୍ୟମ ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଲେଖିକା ମନିଷା ରାୟ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଯୁବ ସାମ୍ବାଦିକ ଓ ଲେଖକ ଅରବିନ୍ଦ ତ୍ରିପାଠୀ।

କରୋନାରେ ପ୍ରାଣ ହରାଇଥିବା ଗଣମାଧ୍ୟମ ବ୍ୟକ୍ତିବିଶେଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ଯଥା - ସାହିତ୍ୟ, ଗଣମାଧ୍ୟମ, ସମାଜସେବା, କବିତା ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଉଲ୍ଲେଖନୀୟ କାର୍ଯ୍ୟପାଇଁ ରଣଭୂଇଁ ସମ୍ବାଦପତ୍ର ପକ୍ଷରୁ ଆନୁଷ୍ଠାନିକ ଭାବେ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଥିଲା। ସମ୍ମାନିତ ହେବାକୁ ଥିବା ପ୍ରତିଭାମାନେ ହେଲେ ସସ୍ମିତା ମହାପାତ୍ର - କବୟତ୍ରୀ, ସୌଭାଗ୍ୟରଞ୍ଜନ ମହାପାତ୍ର - କବି, ସ୍ତମ୍ଭକାର, ପ୍ରଣତି ସିଂ - ସାମ୍ବାଦିକା, କଟକ, ବୁନି ତ୍ରିପାଠୀ - କବି, ସୁଧା ପଟ୍ଟନାୟକ, ବେଣୁଧର ସୂତାର - ବରିଷ୍ଠ କବି, କେନ୍ଦୁଝର, ସୁରେନ୍ଦ୍ର ପ୍ରସାଦ ନାୟକ - କବି, ଭଦ୍ରକ, ଶାନ୍ତିପ୍ରଭା ନାୟକ - ଲେଖିକା, ବାଙ୍ଗାଲୋର, ନିର୍ମଳଚନ୍ଦ୍ର ଦଳାଇ - ବରିଷ୍ଠ କବି, ଭଦ୍ରକ, ପୂର୍ଣ୍ଣଚନ୍ଦ୍ର ସୁନାନୀ - ସମାଜସେବୀ, ଲେଖକ, ନୂଆପଡ଼ା, ମଦନମୋହନ ବେହେରା - କବି, ଯାଜପୁର ଓ ଅଧ୍ୟାପକ ଚନ୍ଦନ ପ୍ରଧାନ।

୨୦୨୧ ଏପ୍ରିଲରେ ରେକର୍ଡ ପରିମାଣର ଜିଏସ୍‌ଟି ସଂଗ୍ରହ

ମୋଟ ଜିଏସ୍‌ଟି ପରିମାଣ ୧, ୪୧, ୩୮୪ କୋଟି ଟଙ୍କା

ନୂଆଦିଲ୍ଲୀ,୩/୫ (ନି.ପ୍ର): ଚଳିତବର୍ଷ (୨୦୨୧) ଏପ୍ରିଲ ମାସରେ ରେକର୍ଡ ପରିମାଣର ଜିଏସ୍‌ଟି ସଂଗୃହୀତ ହୋଇଛି । ଆଦାୟ ହୋଇଥିବା ଏହି ଜିଏସ୍‌ଟିର ମୋଟ ପରିମାଣ ୧, ୪୧, ୩୮୪କୋଟି ଟଙ୍କା । ଏଥି ମଧ୍ୟରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି) ପରିମାଣ ୨୭,୮୩୭କୋଟି, ରାଜ୍ୟ ଜିଏସ୍‌ଟି (ଏସ୍ ?ଜିଏସ୍ ?ଟି) ପରିମାଣ ୩୫,୬୨୧କୋଟି ଟଙ୍କା ହୋଇଥିବାବେଳେ ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି)ପରିମାଣ ୬୮, ୪୮୧ କୋଟି ଟଙ୍କା । ସଂଗୃହୀତ ଆଇଜିଏସ୍‌ଟି ମଧ୍ୟରେ ୨୯, ୫୯୯ କୋଟି ଟଙ୍କାର ଆମଦାନୀଜନିତ ସେବା ଓ ଦ୍ରବ୍ୟକର ଅନ୍ତର୍ଭୁକ୍ତ । ଏହାଛଡା ଏହି ମାସରେ ସଂଗୃହୀତ ମୋଟ ଜିଏସ୍‌ଟିରେ ୯୪୪୫ କୋଟି ଟଙ୍କାର ସେସ୍ ବା ଉପକର ରହିଛି । ଏହି ଉପକର ମଧ୍ୟରୁ ୯୮୧ କୋଟି ଟଙ୍କା ସାମଗ୍ରୀ ଆମଦାନୀ କ୍ଷେତ୍ରରେ ସଂଗୃହୀତ ହୋଇଛି । କୋଭିଡ ମହାମାରୀ ଦ୍ୱିତୀୟ ସଂକ୍ରମଣ ଯୋଗୁଁ ଦେଶର ବିଭିନ୍ନ ଭାଗ ପ୍ରଭାବିତ ହୋଇଛି । ଏହା ସତ୍ତ୍ୱେ ଭାରତୀୟ ବାଣିଜ୍ୟ ବ୍ୟବସାୟରେ ଉଲ୍ଲେଖନୀୟ ପୁନରୁତ୍ଥାନ୍ ଘଟିଛି । ସମ୍ପୃକ୍ତ ବ୍ୟବସାୟୀମାନେ ଏପ୍ରିଲ ମାସରେ ସେମାନଙ୍କର ରିଟର୍ଣ୍ଣ ଫାଇଲ କରିବା ସହ ନିୟମିତ ମାସିକ ଜିଏସ୍‌ଟି ଦେୟ ମଧ୍ୟ ପ୍ରଦାନ କରିଛନ୍ତି । ଚଳିତବର୍ଷ ଏପ୍ରିଲ ମାସରେ ଯେଉଁ ଜିଏସ୍‌ଟି ସଂଗୃହୀତ ହୋଇଛି ତାହା ଏକ ରେକର୍ଡ । ଦେଶରେ ଜିଏସ୍‌ଟି ପ୍ରବର୍ତ୍ତନ ହେବା ପରଠାରୁ ଏତେ ପରିମାଣର ଜିଏସ୍‌ଟି ବାବଦ ରାଜସ୍ୱ ଏ ଯାଏଁ ସଂଗୃହୀତ ହୋଇ ନ ଥିଲା । ଚଳିତବର୍ଷ ମାର୍ଚ୍ଚ ମାସଠାରୁ ମଧ୍ୟ ଏପ୍ରିଲରେ ୧୪ଶତାଂଶ ଅଧିକ ଜିଏସ୍‌ଟି ସଂଗୃହୀତ ହୋଇଛି । ଗତ ଛ'ମାସ ଧରି ଜିଏସ୍‌ଟି ସଂଗ୍ରହରେ ପ୍ରଗତି ପରିଲକ୍ଷିତ ହୋଇଆସୁଛି । ଏପ୍ରିଲରେ ସଂଗୃହୀତ ଜିଏସ୍‌ଟିର ଆଉ ଏକ ବିଶେଷତ୍ୱ ହେଲା ଏଥିରେ ମାର୍ଚ୍ଚ ଅପେକ୍ଷା ଘରୋଇ କାରବାର କ୍ଷେତ୍ରରେ ଅଧିକ ୨୧ ଶତାଂଶ ରାଜସ୍ୱ ଆଦାୟ ହୋଇଛି । ଗତ ସାତ ମାସ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଜିଏସ୍‌ଟି ସଂଗ୍ରହ ପରିମାଣ ମାସିକ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଆସୁଛି । ଏ କ୍ଷେତ୍ରରେ ମଧ୍ୟ ନିରନ୍ତର ରାଜସ୍ୱ ବୃଦ୍ଧି ଘଟୁଛି । ଏସବୁ ସ୍ୱଷ୍ଟଭାବେ ସୂଚାଉଛି ଯେ ଏହି ସମୟରେ ଦେଶରେ ଅର୍ଥନୈତିକ ପୁନରୁଦ୍ଧାର ପ୍ରକ୍ରିୟା ସଫଳ ହୋଇଛି । ଆହୁରି

ମଧ୍ୟ ଟିକସ ପ୍ରଶାସନ ପକ୍ଷରୁ ରାଜସ୍ୱ / ଜିଏସ୍‌ଟି ଆଦାୟର ନିଷ୍ଠା ଓ ପ୍ରୟାସ ଜାରି ରଖାଯାଇଛି । ଜାଲ୍ ବିଲ୍ ପୈଠ, ଟିକସ ଏବଂ ଜିଏସ୍‌ଟି ଠକେଇ ଓ ଫାଙ୍କିବା ଆଦି ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯିବା ସହିତ ବିଭିନ୍ନ ରାଜସ୍ୱ ଉତ୍ସର ତଥ୍ୟାବଳୀକୁ ଗଭୀରଭାବେ ଅନୁଶୀଳନ କରାଯାଇ ରାଜସ୍ୱ ଆଦାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି । ଜିଏସ୍‌ଟି, ଆୟକର, ସୀମାଶୁଳ୍କ ଆଦି କ୍ଷେତ୍ରରେ ରାଜସ୍ୱ ଆଦାୟ ଭଲ ରହିଛି । ସେହିଭଳି ତ୍ରୈମାସିକ ରିଟର୍ଣ୍ଣ ଓ ମାସିକିଆ ଟିକସ ଦାଖଲ ବ୍ୟବସ୍ଥା ସଫଳତାର ସହିତ କାର୍ଯ୍ୟ କରୁଛି । ଏହାଦ୍ୱାରା ଛୋଟମୋଟ ଟିକସଦାତାଙ୍କୁ ଆଶ୍ୱସ୍ତି ମିଳିଛି । ସେମାନେ ପ୍ରତି ତିନିମାସରେ ଗୋଟିଏ ରିଟର୍ଣ୍ଣ ଦାଖଲ କରୁଛନ୍ତି । ଟିକସ ଦାତା ପ୍ରି ଫିଲ୍ଡ ଜିଏସ୍‌ଟି-ଆର ୨ଇ ଏବଂ ୩ଇ ରିଟର୍ଣ୍ଣ ଫର୍ମ ମାଧ୍ୟମରେ ଆଇଟି ସହାୟତା ଯୋଗାଇ ଦିଆଯାଉଛି । ଆଇଟି ସିଷ୍ଟମର ଦକ୍ଷତା ବୃଦ୍ଧି ଓ ପରିସରକୁ ସୁଦୃଢ କରାଯିବା ଫଳରେ ରିଟର୍ଣ୍ଣ ଫାଇଲ ପ୍ରକ୍ରିୟା ସହଜ ହୋଇଛି । ଚଳିତବର୍ଷ ଏପ୍ରିଲ ମାସରେ କେନ୍ଦ୍ର ସରକାର କେନ୍ଦ୍ରୀୟ ଜିଏସ୍‌ଟିରୁ ରାଜ୍ୟମାନଙ୍କୁ ସେମାନଙ୍କ ପ୍ରାପ୍ୟ ବାବଦରେ ୨୯, ୧୮୫କୋଟି ଏବଂ ସମନ୍ୱିତ ଜିଏସ୍‌ଟିରୁ ୨୨, ୭୫୬କୋଟି ଟଙ୍କା ଆଡହକ୍(ଅସ୍ଥାୟୀ) ଭାବେ ଯେଉଁ ରାଜସ୍ୱ ପ୍ରଦାନ କରିଛନ୍ତି ତାହାର ମୋଟ ପରିମାଣ ୫୭, ୦୨୨ କୋଟି । ସେଥିମଧ୍ୟରେ ସିଜିଏସ୍‌ଟି ପରିମାଣ ୫୭,୦୨୨କୋଟି ଏବଂ ଏସ୍‌ଜିଏସ୍‌ଟି ପରିମାଣ ୫୮,୩୭୭ କୋଟି ଟଙ୍କା । ତଳେ ଦିଆଯାଇଥିବା ଚାର୍ଟରେ ଅକ୍ଟୋବରରୁ ମାର୍ଚ୍ଚ ୨୦ ଏବଂ ଏପ୍ରିଲ ୨୦୨୧ ସମୟର ମାସିକ ମୋଟ ଜିଏସ୍‌ଟି ରାଜସ୍ୱ ଆଦାୟର ଧାରା ସମ୍ପର୍କରେ ସୂଚନା ରହିଛି ।

ସାମ୍ବାଦିକଙ୍କ ପାଇଁ ସରକାରଙ୍କ ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ: ସାମ୍ବାଦିକ ମିଳିତ ମଂଚ

ଭୁବନେଶ୍ୱର,୩/୫ (ନି.ପ୍ର): ସାମ୍ବାଦିକଙ୍କ ଏବେ ଆଗ ଧାଡ଼ିର କରୋନା ଯୋଦ୍ଧା । ଏହି ନିଷ୍ପତି ପାଇଁ ରାଜ୍ୟ ସରକାରଙ୍କୁ ସାମ୍ବାଦିକ ମିଳିତ ମଂଚ ପକ୍ଷରୁ ଆନ୍ତରିକତା ଧନ୍ୟବାଦ ଓ ଶୁଭେଚ୍ଛା ପ୍ରଦାନ କରାଯାଇଛି । ତେବେ ଯେଉଁ ସାମ୍ବାଦିକମାନଙ୍କ ନାମ ତାଲିକାରେ ନାହିଁ ସେମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ନିବେଦନ କରାଯାଇଛି । ସେହିପରି ସମ୍ମୁଖ ଯୋଦ୍ଧା ମାନଙ୍କ ପାଇଁ ଯେପରି ମୃତ୍ୟୁରେ ୫୦ଲକ୍ଷ ଟଙ୍କା ଘୋଷଣା ରହିଛି ସେହିପରି ସାମ୍ବାଦିକଙ୍କ କ୍ଷେତ୍ରରେ ୧୫ଲକ୍ଷକୁ ୫୦ଲକ୍ଷ ଘୋଷଣା କରିବା ସାମ୍ବାଦିକଙ୍କ କଲ୍ୟାଣ ପାଣ୍ଠି ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବିମାକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବିମାରେ ସାମ୍ବାଦିକଙ୍କ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା କିମ୍ବା ସାମ୍ବାଦିକଙ୍କ ବାପା'ମା'ଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ପାଇଁ ନିବେଦନ କରାଯାଇଛି। ଏଥି ସହ ସାମ୍ବାଦିକମାନଙ୍କୁ ସ୍ୱତନ୍ତ୍ର ଭାବେ ଶିଘ୍ର ଟିକା ବ୍ୟବସ୍ଥା କରିବାକୁ ସାମ୍ବାଦିକ ମିଳିତ ମଂଚର ଆବାହକ ଲିଙ୍ଗରାଜ ସାହୁ ନିବେଦନ କରିଛନ୍ତି। ମଇ ୩ତାରିଖ ହେଉଛି ବିଶ୍ୱ ପ୍ରେସ ସ୍ୱାଧିନତା ଦିବସ । ଏହି ଅବସରରେ ମଂଚ ପକ୍ଷରୁ ସାମ୍ବାଦିକମାନେ ସତର୍କ ହୋଇ କାର୍ଯ୍ୟ କରିବାକୁ ନିବେଦନ କରାଯାଇଛି।

ଭାରତର ଦେଶବ୍ୟାପୀ କୋଭିଡ-୧୯ ଟିକାକରଣର ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିବା ବେଳେ ମୋଟ ଟିକାକରଣ ୧୫.୬୮ କୋଟିକୁ ଅତିକ୍ରମ କରିଛି

ନୂଆଦିଲ୍ଲୀ,୩/୫ (ନି.ପ୍ର): କୋଭିଡ-୧୯ ମହାମାରୀର ମୁକାବିଲା ପାଇଁ ଭାରତରେ କେନ୍ଦ୍ର ଓ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳର ସରକାର ମିଳିତ ଭାବେ ପ୍ରତିରୋଧ, କଂଟେନମେଂଟ ଏବଂ କୋଭିଡ ପରିଚାଳନା କ୍ଷେତ୍ରରେ ପାଂଚ ସୂତ୍ରୀ ରଣନୀତି ଆଦରିଛନ୍ତି । ପାଂଚ ସୂତ୍ରୀ ରଣନୀତିରେ ଟେଷ୍ଟ, ଟ୍ରାକ୍, ଟ୍ରିଟ୍ ଏବଂ କୋଭିଡ ପରିଚାଳନା ମଧ୍ୟରେ ଟିକାକରଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଗତକାଲି (୧ ମେ ୨୦୨୧)ରୁ କୋଭିଡ-୧୯ ଟିକାକରଣର ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଏପ୍ରିଲ ୨୮ ତାରିଖରୁ ଏହି ପର୍ଯ୍ୟାୟ ପାଇଁ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ ଆରମ୍ଭ ହୋଇଛି । ଗତକାଲି ଠାରୁ କୋଭିଡ-୧୯ ଟିକାକରଣର ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିବା ବେଳେ ଦେଶରେ ମୋଟ ଟିକାକରଣ ୧୫.୬୮ କୋଟିକୁ ଅତିକ୍ରମ କରିଯାଇଛି । ୧୧ ରାଜ୍ୟରେ ୧୮-୪

୧୫୦୦ କେନ୍ଦ୍ରରୁ ମାତ୍ର ୨୫୬ କେନ୍ଦ୍ରରେ ଆଜି ଟିକାକରଣ ଚାଲିଛି

ଭୁବନେଶ୍ୱର,୦୩/୦୫ (ନି.ପ୍ର): ଟିକା ଅଭାବ ଥିବାରୁ କମ କେନ୍ଦ୍ରରେ ଟିକାକରଣ ଚାଲିଛି । ମୋଟ ୧୫୦୦ କେନ୍ଦ୍ରରୁ ମାତ୍ର ୨୫୬ କେନ୍ଦ୍ରରେ ଆଜି ଟିକାକରଣ ଚାଲିଥିବା ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ । ସେ କହିଛନ୍ତି ଯେ ଏବେ ରାଜ୍ୟରେ ମୋଟ ୪୬ ହଜାର ୨୨୦ କୋଭିସିଲ୍ଡ ଟିକା ମହଜୁଦ ରହିଥିବା ବେଳେ ୩ ଲକ୍ଷରୁ ଅଧିକ କୋଭାକ୍ସିନ ଟିକା ଅଛି । ସେ କହିଛନ୍ତି ଯେ ଆଗାମୀ ୨ ଦିନ ମଧ୍ୟରେ ଆଉ ଟିକା ଆସିବା ସମ୍ଭାବନା ରହିଛି । ଆହୁରି ଅଧିକ ୨୫ ଲକ୍ଷ ଟିକା ପାଇଁ ରାଜ୍ୟ ସରକାର ଅର୍ଡର କରିଛନ୍ତି । ଯଦି ଟିକା ପହଞ୍ଚେ ତେବେ ପୁଣି ସବୁ କେନ୍ଦ୍ରରେ ଟିକାକରଣ ବ୍ୟାପକ କରାଯିବ ବୋଲି ସେ କହିଛନ୍ତି ।

୬ ଦଫା ଦାବିରେ ଜଳେଶ୍ୱର ଓକିଲ ସଂଘର ଅନିର୍ଦ୍ଦିଷ୍ଟ କାଳ ଲାଗି ଗଣ ଧାରଣା

ଜଳେଶ୍ୱର,୦୩/୦୫ (ନି.ପ୍ର): ଜଳେଶ୍ୱରର ନୂତନ ସ୍ଥାନରେ କୋର୍ଟ ପ୍ରତିଷ୍ଠାର ୫ ମାସ ବିତିଥିଲେ ମଧ୍ୟ ପ୍ରଶାସନର ପ୍ରତିଶ୍ରୁତି ଅନୁଯାୟୀ ଜନସାଧାରଣ, କୋର୍ଟ କର୍ମଚାରୀ, ଓକିଲ ମାନଙ୍କୁ ପ୍ରତିଶ୍ରୁତି ଅନୁଯାୟୀ ମୌଳିକ ସୁବିଧା ସୁଯୋଗ ଦିଆଯାଇନଥିବାରୁ ଆଜି ଜଳେଶ୍ୱର ଓକିଲ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଲାଗି ଗଣ ଧାରଣା ଆରମ୍ଭ ହୋଇଛି । ୬ ଦଫା ଦାବି ପୁରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ଓକିଲ ସଂଘର ସଭାପତି ଅନୀଲ କୁମାର ପରିଡା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, ରାଇବଣିଆ, କମର୍ଦ୍ଦା ଓ ମେରାଇନ୍ ଥାନା ର ବିଭିନ୍ନ ମାମଲା ଜଳେଶ୍ୱର ସ୍ଥିତ କୋର୍ଟ ଗୁଡିକରେ ଚାଲିଛି । ସମଗ୍ର ବାଲେଶ୍ୱର ଜିଲାର ମୋଟ ମାମଲାର ଏକ ତୃତୀୟାଂଶ ମାମଲା ଏହି ଅଂଚଳରୁ ହୋଇଥାଏ ବୋଲି ଓକିଲ ସଂଘର ସଭାପତି ଅନୀଲ କୁମାର ପରିଡା କହିଛନ୍ତି । ୬୦ନଂ ଜାତୀୟ ରାଜପଥର ୫ ଏକର ସ୍ଥାନରେ ଜେଏମ୍ଏଫସି, ସିଭିଲ ଜଜ୍(ଜୁନିୟର), ସିଭିଲ ଜଜ୍(ସିନିୟର) ଏଠାରେ ଚାଲିଥିବା ବେଳେ ଫେମିଲି ସର୍କିଟ କୋର୍ଟ ମଧ୍ୟ ଏଠାରେ ରହିଛି । ପୁଣି ଏଡିଜେ କୋର୍ଟ ପାଇଁ ପ୍ରତିଶ୍ରୁତି ମିଳିଥିବା ଶ୍ରୀ ପରିଡା ପ୍ରକାଶ କରିଛନ୍ତି । 'ଜଷ୍ଟିସ୍ ଏଟ୍ ଡୋର୍ ଷ୍ଟେପ୍' ନ୍ୟାୟରେ ସମସ୍ତଙ୍କୁ ସହଜ ଓ ସୁଲଭରେ ନ୍ୟାୟ ମିଳିବା ନିୟମ ଥିଲେ ମଧ୍ୟ ତାହା ଏଠାରେ ସମ୍ଭବ ହୋଇ ପାରୁନାହିଁ । ଗତ ୨.୧୨.୨୦ ମସିହାରେ ଏହି କୋର୍ଟକୁ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭିଡିଓ କନ୍‌ଫାରେନ୍ସି ଜରିଆରେ ଉଦ୍‌ଘାଟନ କରିଥିବା ବେଳେ ଜିଲାଜଜ୍, ଜିଲାପାଳ ଓ ଜିଲାର ବହୁପଦାଧିକାରୀ ଉପସ୍ଥିତ ଥିଲେ । କୋର୍ଟ ପରିସରରେ ସମସ୍ତଙ୍କର ବସିବା, ପିଇବା ପାଣିର ବ୍ୟବସ୍ଥା, ଯାଜାୟାତ ଲାଗି ମୋ ବସ୍ ସେବା ଓ ଟେମ୍ପୋ ସେବା ଯୋଗାଇବା, ପକ୍ସୋ ଓ ଏସ୍-ଏଣ୍ଟି ମାମଲା ଜଳେଶ୍ୱରରେ ହେବା ଭଳି ମିଳିଥିଲେ ମଧ୍ୟ ତାହା ହୋଇନାହିଁ । ଏଥିନେଇ ବାସ୍ ସଭାପତି ଶ୍ରୀ ପରିଡା, ସଂପାଦକ ବିଜନ୍ କୁମାର ଦେ, ଉପସଭାପତି ମନୋଜ ମିଶ୍ର, କୋଷାଧ୍ୟକ୍ଷ ବିନୋଦ ଗିରିଙ୍କ ସହିତ ଅନ୍ୟ କେତେକ ନିର୍ବାଚିତ ଓକିଲ ଓ ସଂଘର କେତେକ ସଦସ୍ୟ ସହିତ ଓକିଲ ମଧ୍ୟ ଉପସ୍ଥିତ ଥିଲେ । ଦାବି ମଧ୍ୟରେ ଜାତୀୟ ରାଜପଥରେ କୋର୍ଟକୁ ଯିବାପାଇଁ ଏକ ଅଣ୍ଡର ପାସ୍ ନିର୍ମାଣ, ଉପାନ୍ତ ଅଂଚଳ ଯୋଗୁଁ ଏକ ପୋଲିସ୍ ବିଟ୍ ସ୍ଥାପନ, ନ୍ୟାୟ ପାଇଁ ଆସୁଥିବା ସାକ୍ଷୀ, ଜନସାଧାରଣ, ମୋହରିର, ଓକିଲ ମାନଙ୍କ ଲାଗି କମ୍ପ୍ୟୁଟର, ରେଷ୍ଟୁରେଣ୍ଟ, ଜେରକ୍ସ, ଟାଇପ୍ ଇତ୍ୟାଦି ଦୋକାନ ଲାଗି ସ୍ଥାନ ନିରୂପଣ, ପରିସ୍ରାଗାର ନିର୍ମାଣ, ପାନୀୟ ଜଳ ଯୋଗାଣ, ବସ୍-ଅଟୋ ଷ୍ଟାଣ୍ଡ ସହିତ ଯାତାୟାତ, ଇ-କୋର୍ଟ କାର୍ଯ୍ୟପାଇଁ ଟେଲିକମ୍ ଟାୱାର ଲାଗି ସେମାନେ ଦାବି କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଗୋଟିଏ ଦିନରେ ୮୯୧୪....

କେନ୍ଦୁଝରରୁ ୧୦୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୨୫୮ ଜଣ, କୋରାପୁଟରୁ ୧୪୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୩୪ ଜଣ, ନବରଙ୍ଗପୁରରୁ ୪୩୩ ଜଣ, ନୟାଗଡ଼ରୁ ୧୯୪ ଜଣ, ନୂଆପଡ଼ାରୁ ୨୭୮ ଜଣ, ପୁରୀରୁ ୫୩୦ ଜଣ, ରାୟଗଡ଼ାରୁ ୧୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୫୭ ଜଣ, ସୋନପୁରରୁ ୧୨୧ ଜଣ, ସୁନ୍ଦରଗଡ଼ରୁ ୭୩୫ ଜଣ ଓ ଷ୍ଟେଟ୍ ପୁଲରୁ ୨୫୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଭୁବନେଶ୍ୱରରେ ୨୪ ଘଂଟାରେ ୮୨୩ ପଜିଟିଭ୍, ୭୦୯ ସୁସ୍ଥ

ଭୁବନେଶ୍ୱର,୦୩/୦୫ (ନି.ପ୍ର): ସୋମବାର ଦିନ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଆଉ ୮୨୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୫୦ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୬୭୩ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୭୦୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି ଏବଂ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୮ ହଜାର ଟପି ୮୪୯୦କୁ ବୃଦ୍ଧି ପାଇଛି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ଆଜି ଚିହ୍ନଟ ହୋଇଥିବା ୬୭୩ ଲୋକାଲ୍ କେସ ଭିତରୁ ନୟାପଲ୍ଲୀରୁ ସର୍ବାଧିକ ୫୯, ପଟିଆରୁ ୪୪, ଓଲ୍ଡ ଟାଉନ୍ ରୁ ୩୬, ଚନ୍ଦ୍ରଶେଖରପୁରରୁ ୩୧ , ରସୁଲଗଡ ଓ ବମିଖାଲରୁ ୨୧ ଲେଖାଏଁ , ଡୁମଡୁମା ଓ ସୁନ୍ଦରପଦାରୁ୨୦ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୧୫ , ଚନ୍ଦ୍ରଶେଖରପୁରରୁ ୧୧, ଓଲ୍ଡ ଟାଉନ୍ ରୁ ୧୦ ଜଣ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୭୧୪୦ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୩୮୩୬୧ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୮୪୯୦ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୬୮ ରହିଛି।

ଉପାନ୍ତରେ ଜଳେଶ୍ୱର ସାପ୍ତାହିକ ହାଟ : ପଶ୍ଚିମବଂଗ ଲୋକଙ୍କ ସହିତ ଅବାଧ ମିଳାମିଶା : ନାହିଁ କୋଭିଡ୍ କଟକଣା

ଜଳେଶ୍ୱର,୦୩/୦୫ (ନି.ପ୍ର): ୨ ଦିନର ସପ୍ତାହନ୍ତ ସଟ୍‌ଡାଉନ୍ ପରେ ଆଜି ଜଳେଶ୍ୱରସ୍ଥିତ ସାପ୍ତାହିକ ହାଟ ସକାଳ ୭ଟାରେ ଖୋଲିଥିଲା । ଏହି ହାଟକୁ ପଶ୍ଚିମବଂଗ ଓ ଉତ୍ତର ବାଲେଶ୍ୱରର ବିଭିନ୍ନ ଅଂଚଳରୁ ବ୍ୟବସାୟୀ, ଜନସାଧାରଣ ଆସିଥାନ୍ତି । ଏହା ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ ଥିବାରୁ ଏବଂ ପଶ୍ଚିମବଂଗର ନିର୍ବାଚନ ଶେଷ ହୋଇଥିବା ପରିପ୍ରେକ୍ଷୀରେ ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲାରୁ ବହୁ ଲୋକ ଆସିଥିଲେ । ହାଟ ମଧ୍ୟରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିବା ବେଳେ ସାମାଜିକ ଦୂରତା ନଥିବାର ଦେଖିବାକୁ ମିଳିଥିଲା । ଏପରିକି ବହୁ ଦୋକାନୀ ଓ ଜନସାଧାରଣଙ୍କ ମୁହଁରେ ତୁଣ୍ଡି ନଥିବାର ଦେଖିବାକୁ ମିଳିଥିଲା । ଥାନା ନିକଟରେ ସାପ୍ତାହିକ ହାଟ ଅନୁଷ୍ଠିତ ହେଉଥିବା ବେଳେ ଏଥିପ୍ରତି ପୁଲିସ୍ କିମ୍ବା ପ୍ରଶାସନର କୌଣସି କଟକଣ ନଥିଲା । ଆଜିର ଏପରି ଘଟଣା ନେଇ କେତେକ ସଚେତନ ବ୍ୟକ୍ତି ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରକାଶଯୋଗ୍ୟ ଆଉ ଗୋଟିଏ ଦିନ ପରେ ଲକ୍‌ଡାଉନ୍ ଆରମ୍ଭ ହେଉଥିବାରୁ ଜଳେଶ୍ୱର ସାପ୍ତାହିକ ହାଟରେ ନାହିଁନଥିବା ଭିଡ ଦେଖିବାକୁ ମିଳିଥିଲା ।

୨୪ ଘଂଟାରେ ୬୪୮୮ ସୁସ୍ଥ

ଭୁବନେଶ୍ୱର,୦୩/୦୫ (ନି.ପ୍ର): ରାଜ୍ୟରେ ସୋମବାର ଦିନ ରେକର୍ଡ ସଂଖ୍ୟକ ୬୪୮୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବର୍ତମାନ ସୁଦ୍ଧା ୪୦୪୦୬୩ ଜଣ କରୋନା ରୋଗୀ ସୁସ୍ଥ ହୋଇସାରିଲେଣି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟ୍ୱିଟ୍ କରି ଏହି ସୂଚନା ଦେଇଛି। ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ଭିତରୁ ଖୋର୍ଦ୍ଧାରୁ ସର୍ବାଧିକ ୧୧୮୫ ଜଣ ଅଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୭୮୬, ନୂଆପଡ଼ାରୁ ୫୧୪, କଳାହାଣ୍ଡିରୁ ୩୫୮, କଟକରୁ ୩୩୬, ଯାଜପୁରରୁ ୩୨୦, ନବରଙ୍ଗପୁରରୁ ୨୯୪, ଝାରସୁଗୁଡ଼ାରୁ ୨୮୩, ବରଗଡ଼ରୁ ୨୮୨, ବଲାଙ୍ଗିରରୁ ୧୮୯, ପୁରୀରୁ ୧୭୯, ଗଂଜାମରୁ ୧୭୬, ସମ୍ବଲପୁରରୁ ୧୭୪, ମୟୁରଭଂଜରୁ ୧୫୮, କେନ୍ଦୁଝରରୁ ୧୫୦, ରାୟଗଡ଼ାରୁ ୧୦୯, ଗଜପତିରୁ ୯୩, ନୟାଗଡ଼ରୁ ୯୩, ଜଗତସିଂହପୁରରୁ ୮୧, ସୋନପୁରରୁ ୭୫, କୋରାପୁଟରୁ ୬୦, ବାଲେଶ୍ୱରରୁ ୫୩, ଅନୁଗୋଳରୁ ୫୨, କେନ୍ଦ୍ରାପଡ଼ାରୁ ୪୬, ଭଦ୍ରକରୁ ୪୧, ଢେଙ୍କାନାଳରୁ ୩୪, ଦେବଗଡ଼ରୁ ୨୭, କନ୍ଧମାଳ ୨୬, ମାଲକାନଗିରିରୁ ୨୬, ବୌଦ୍ଧରୁ ୨୪ ଏବଂ ଷ୍ଟେଟପୁଲରୁ ୨୬୪ ଜଣ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି ।

ଭଦ୍ରକରୁ ଚିହ୍ନଟ ହେଲେ ୩୫୧ କରୋନା ଆକ୍ରାନ୍ତ

ଭଦ୍ରକ,୦୩/୦୫ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ନୂତନ କରୋନା ଆକ୍ରାନ୍ତ ୩୫୧ଜଣ ଚିହ୍ନଟ ହୋଇଛନ୍ତି। ଏହି ନୂତନ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୯ହଜାର ୫୦୩। ସୁସ୍ଥଙ୍କ ସଂଖ୍ୟା ହୋଇଛି ୮ହଜାର ୨୨୫। ଏବେ ସକ୍ରିୟ ଆକ୍ରାନ୍ତ ରହିଛନ୍ତି ୧୨୪୯ଜଣ। ଏହି ଚିହ୍ନଟଙ୍କ ମଧ୍ୟରେ ଧାମନଗର ବ୍ଲକର ରାଧାବଲ୍ଲଭପୁର, ପଧାନୀ, କରଦା, ଧୁଷୁରୀ, ଭଗବାନପୁର, ଭଟସାହି, ଦଇପୁର, ଦଳାଙ୍ଗ, ଦୋବଲ, କଟସାହି, କପରପଦା, ମୁସ୍ତାଫାପୁର, ଚୁଡାକୁଟି, ଷୋହଡା ଗ୍ରାମରୁ ମୋଟ ୫୭ଜଣ। ଭଣ୍ଡାରିପୋଖରୀ ବ୍ଲକର ରେବୋ, ଗୁଣୁପୁର, ବେଲପୋଖରୀ, ଅରେଇହୁଣା, ରାମପୁର, ସରସଦା, ବାଲିପୋଖରୀ, ବାଲିପୋଖରୀ, କୁରିଗାଁ ଗ୍ରାମରୁ ୧୬ଜଣ ଚିହ୍ନଟ ହୋଇଛନ୍ତି। ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡ ଜଗନ୍ନାଥପୁର, ୧୨ ନଂ ୱାର୍ଡ ବଙ୍କସାହି, ୧୭ ନଂ ୱାର୍ଡ ପୁରୁଣାବଜାର, ୬ ନଂ ୱାର୍ଡ ବାଇପାସ୍, ୧ ନଂ ୱାର୍ଡ ବରାଳପୋଖରୀ, ୮ନଂ ୱାର୍ଡର ବାଗୁରାଇ, ୫ ନଂ ୱାର୍ଡ ଚରମ୍ପା, ୯ ନଂ ୱାର୍ଡ, ୧୧ ନଂ ୱାର୍ଡ, ୧୩ ନଂ ୱାର୍ଡ ଅପର୍ଣ୍ଣବିନ୍ଧା, ୨୮ ନଂ ୱାର୍ଡ, ୨୪ ନଂ ୱାର୍ଡ, ୧୫ ନଂ ୱାର୍ଡ, ୩୦ ନଂ ୱାର୍ଡ, ୧୬ ନଂ ୱାର୍ଡ, ୨୦ ନଂ ୱାର୍ଡରୁ ମୋଟ ୪୭ଜଣ ଚିହ୍ନଟ ହୋଇଛନ୍ତି। ଭଦ୍ରକ ବ୍ଲକର ଅଣ୍ଡେଇପଲ୍ଲୀ, ରାନ୍ଦିଆ, ଗୋଲପୁର, କାଉପୁର, କେଶପୁର, ଗୋରାମାଟି, ଅର୍ଣ୍ଣପାଳ, ବନ୍ଧଗାଁ, ବଣିଆ, କୁଡ଼ିଆମାଳ, ଏରେଇଁ, ଗୁଜିଦରଡ଼ା, ଲାଙ୍ଗୁଡି, କୋରକୋରା, ସାବରଙ୍ଗ, ଭୀମପାଳ, ବେତରା, ଜଳଙ୍ଗା, ଜଗଦଳପୁର, ରାହାଞ୍ଜ, କଳାହାଣ୍ଡିଆ, ବାଉଦପୁର, ବେନ୍ତାଳ, କଲେଇ, କୋଡବରୁଆଁ, ନାରାୟଣପୁର ଗ୍ରାମରୁ ମୋଟ ୬୭ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ସିମୁଳିଆ, ଖଇରା ଓ କେନ୍ଦୁଝର ଜିଲ୍ଲାରୁ ମୋଟ ୧୦ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଚାନ୍ଦବାଲି ବ୍ଲକର ଘଣ୍ଟେଶ୍ୱର, ଶେରପୁର, ବିଜୟନଗର, ଚଡଦିଆ, ଖେରଙ୍ଗ, କଇଥଖୋଲା, ମହୁଲିଆ, ମଡୋ, ହରିପୁର, ନାଲଗୁଣ୍ଡା, ତେନ୍ତୁଲିଡିହି, ଗୋପିନାଥପୁର, ନନ୍ଦପୁର, ଧାମରା, ଓରାସାହିରୁ ମୋଟ ୨୭ଜଣ, ଚାନ୍ଦବାଲି ଏନ୍‌ଏସିରୁ ୭ଜଣ, ବନ୍ତ ବ୍ଲକର ଅଣିଜୋ, ନୂଆପୋଖରୀ, ହରିପୁର, ପଳାସା, ବିନାୟକପୁର, କାଦବରାଙ୍ଗ, ଅମରସିଂହପୁର, କାଦବରାଙ୍ଗ, ମହାନ୍ତିପଡା, ରାଜେନ୍ଦ୍ରପୁର, ରାମପୁର, ବସନ୍ତିଆ, ଟିଲୋ, ବନ୍ତ, କେନ୍ଦୁଆପଦା, ବିଟିପୁରରୁ ମୋଟ ୨୭ ଜଣ, ଧାମନଗର ଏନ୍‌ଏସିରୁ ୯ଜଣ, ବାସୁଦେବପୁର ପୌରପାଳିକାର ୫ ନଂ ୱାର୍ଡ, ୧୨ ନଂ ୱାର୍ଡ, ୧୪ ନଂ ୱାର୍ଡ, ୧୭ ନଂ ୱାର୍ଡ, ୧୮ ନଂ ୱାର୍ଡ, ୨୨ ନଂ ୱାର୍ଡ, ୭ ନଂ ୱାର୍ଡ, ୮ ନଂ ୱାର୍ଡ, ୯ ନଂ ୱାର୍ଡରୁ ମୋଟ ୨୩ଜଣ ଚିହ୍ନଟ ହୋଇଛନ୍ତି।

ଭୁବନେଶ୍ୱରରେ ୧୮ରୁ ୪୪ ବର୍ଷ ବ୍ୟକ୍ତିଙ୍କ ପାଇଁ ଟିକାକରଣ ଆରମ୍ଭ

ଭୁବନେଶ୍ୱର,୦୩/୦୫ (ନି.ପ୍ର): ସପ୍ତାହାନ୍ତ ଶଟ ଡାଉନ ପରେ ଆଜିଠୁ ୧୮ରୁ ୪୪ ବର୍ଷ ବ୍ୟକ୍ତିଙ୍କ ପାଇଁ ଭୁବନେଶ୍ୱରରେ ଟିକାକରଣ ଆରମ୍ଭ ହୋଇଛି। ଭାରତ ବାୟୋଟେକ୍ ରୁ ଦେଢ଼ ଲକ୍ଷ ଡୋଜ୍ କୋଭାକ୍ସିନ୍ ଟିକା ପାଇବା ପରେ ଭୁବନେଶ୍ୱରରେ ଏହି ଟିକାକରଣ ଆରମ୍ଭ ହୋଇଛି। ଯେଉଁମାନେ କୋୱିନ୍, ଆରୋଗ୍ୟ ସେତୁ କିମ୍ବା ଉମଙ୍ଗ ଆପ୍ ଜରିଆରେ ପଞ୍ଜୀକରଣ କରି ସ୍ଲଟ ପାଇଥିବା ୧୮ ବର୍ଷରୁ ଅଧିକ ଓ ୪୪ ବର୍ଷର ବ୍ୟକ୍ତିଙ୍କୁ ଟିକା ଦିଆଯାଉଛି। ଭୁବନେଶ୍ୱରରେ ୧୮ରୁ ୪୪ ବର୍ଷର ପ୍ରାୟ ୫ ଲକ୍ଷ ନାଗରିକଙ୍କୁ ଟିକା ଦେବା ପାଇଁ ଟାର୍ଗେଟ ରହିଛି। ଜୁନ୍ ମାସ ଶେଷ ସପ୍ତାହ କିମ୍ବା ଜୁଲାଇ ଭିତରେ ଏହି ବର୍ଗର ସମସ୍ତ ନାଗରିକଙ୍କୁ ଦ୍ୱିତୀୟ ଡୋଜ୍ ଦେବା ପାଇଁ ଯୋଜନା ରହିଛି। ସକାଳ ୮ରୁ ଦିନ ଗୋଟାଏ ଯାଏ ୧୮ରୁ ୪୪ ବର୍ଗର ବ୍ୟକ୍ତିଙ୍କୁ ଟିକା ଦିଆଯିବ। ୪୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ ଅପରାହ୍ନ ୩ଟାରୁ ସଂଧ୍ୟା ୬ଟା ଯାଏ ଟିକା ଦିଆଯିବ।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ୧୧ ହଜାର ଟଙ୍କା ଦାନ

ଭୁବନେଶ୍ୱର,୦୩/୦୫ (ନି.ପ୍ର): ରାଜ୍ୟର କୋଭିଡ୍ ଲଢ଼େଇରେ ନିଜର ଯୋଗଦାନ ସ୍ୱରୂପ ଲାଲ୍‌ଚାନ୍ଦ ମାହେଶ୍ୱରୀ ଶ୍ରୀ ମାର୍ବଲସ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ୧୧ହଜାର ଟଙ୍କା ଦାନ କରିଛନ୍ତି। ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ଲୋକସେବା ଭବନଠାରେ କମ୍ପାନୀର ପ୍ରୋପାଇଟର୍ ଶ୍ରୀ ଲାଲ୍‌ଚାନ୍ଦ ମାହେଶ୍ୱରରୀଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି। ଚେକ୍ ପ୍ରଦାନ ସମୟରେ ଶ୍ରୀ ଲାଲ୍‌ଚାନ୍ଦ କହିଥିଲେ ଯେ ରାଜ୍ୟ ସରକାରଙ୍କ ସମୟୋପଯୋଗୀ ଓ ସକ୍ରିୟ କୋଭିଡ୍ ପରିଚାଳନା ଯୋଗୁଁ ଓଡ଼ିଶାରେ କୋଭିଡ୍ ମହାମାରୀ ସ୍ଥିତି ନିୟନ୍ତ୍ରଣାଧିନ ରହିଛି। ଲକ୍‌ଡାଉନ୍ ସମୟରେ ରାଜସ୍ଥାନ ସେବା ସଂସ୍ଥାନ ମାଧ୍ୟମରେ ଗରିବ ଲୋକମାନଙ୍କୁ ଖାଦ୍ୟ ପୁଡ଼ିଆ, ରେସନ ପ୍ୟାକେଟ୍, ମାସ୍କ ଓ ସାନିଟାଇଜର୍ ବଂଟନ ବିଷୟରେ ସେମାନେ ମଧ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଏତାଦୃଶ ସେବା ଓ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଶ୍ରୀ ମାର୍ବଲସ୍ କମ୍ପାନୀଙ୍କୁ ସାଧୁବାଦ ଜଣାଇବା ସହ ନିଜ ବ୍ୟବସାୟିକ ପ୍ରତିଷ୍ଠାନ ତଥା ବ୍ୟକ୍ତିଗତ ସ୍ତରରେ କରୋନା ନିୟମ ଅନୁପାଳନ ଓ ସଚେତନତା କାର୍ଯ୍ୟ ଚଳାଇ ରଖିବାକୁ ଅନୁରୋଧ କରିଥିଲେ। ଏହି ସମୟରେ ରାଜସ୍ଥାନ ସେବା ସଂସ୍ଥାର କାର୍ଯ୍ୟନିର୍ବାହୀ ସଦସ୍ୟ ଶ୍ରୀ ନବରତ୍ନ ବୋଥ୍ରା ମଧ୍ୟ ଉପସ୍ଥିତ ଥିଲେ।

ବିପଦ ସଂକୁଳ ଛାତ ତଳେ ଚାଲିଛି ସରକାରୀ ଆୟୁର୍ବେଦ ଚିକିତ୍ସାଳୟ

ଉଦଳା,୦୩/୦୫ (ନି.ପ୍ର): ଉଦଳା ସହର ମଧ୍ୟରେ ଚାଲିଥିବା ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଛାତରୁ ବର୍ଷା ହେଲେ ପାଣି ଗଳୁଛି। ବର୍ତ୍ତମାନ ଉକ୍ତ ଛାତରୁ ଖଣ୍ଡ ଖଣ୍ଡ ହୋଇ କଂକ୍ରିଟ ଖସିବାକୁ ଲାଗିଲାଣି । ଫଳରେ ଚିକିତ୍ସାଳୟରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଔଷଧଓ ଆସବାବପତ୍ର ନଷ୍ଟ ହୋଇ ଗଲାଣି । ଚିକିତ୍ସାଳୟର ଏପରି ଅବସ୍ଥାରେ ଏଠାକୁ ଚିକିତ୍ସିତ ହେବାକୁ ଆସୁଥିବା ଲୋକେ ନିଜକୁ ନିରାପଦ ମଣୁ ନାହାଁନ୍ତି । ଏବାବଦରେ ବିଭାଗୀୟ ଅଧିକାରୀ ମାନଙ୍କୁ ବାରମ୍ବାର ଗୁହାରୀ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାଁନ୍ତି । ଉକ୍ତ ଚିକିତ୍ସାଳୟ ପାଇଁ ନୂତନ ଗୃହ ନିର୍ମାଣ ସକାଶେ ଆସିଥିବା ଟଙ୍କା ଏବେ ଫେରିବାକୁ ବସିଲାଣି । ଆୟୁର୍ବେଦ ଚିକିତ୍ସାଳୟ ପାଇଁ ପ୍ରଦତ୍ତ ଜମି ଜବରଦଖଲକାରୀଙ୍କ କବଜାରେ ରହିଛି । କପ୍ତିପଦା ଉପଖଣ୍ଡ ପ୍ରଶାସନ ମଧ୍ୟ ଜବରଦଖଲକାରୀଙ୍କୁ ସମର୍ଥନ ଜଣାଉଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

ଯଶସ୍ୱୀ କଥାକାର କୁମାର ଚକ୍ରବର୍ତ୍ତୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ

ବାଲେଶ୍ୱର, ମଙ୍ଗଳବାର, ୦୪ ମଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଅଙ୍ଗନବାଡି କର୍ମୀଙ୍କ ବିରୋଧରେ ସି.ଡି.ପି.ଓଙ୍କ ନିକଟରେ ମହିଳାଙ୍କ ଅଭିଯୋଗ

ବାଲିଆପାଳ,୦୩/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଅର୍ନ୍ତଗତ ଦେଭୋଗ ପଂଚାୟତ ଦାନ୍ତୁଣିଦା ଅଙ୍ଗନବାଡି କର୍ମୀ କୁମକୁମ ଦଳାଇଙ୍କ ବିରୋଧରେ ଆଜି ବାଲିଆପାଳ ସି.ଡି.ପି.ଓଙ୍କ ନିକଟରେ ୩୦ ରୁ ଉର୍ଦ୍ଧ୍ୱ ମହିଳା ବିଭିନ୍ନ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ଅଙ୍ଗନବାଡି କର୍ମୀ କୁମକୁମ ଦଳାଇ ଗ୍ରାମର ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କୁ ଠିକ ଭାବେ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ବଂଟନ କରୁ ନହାନ୍ତି । ନିଜ ଘରେ ଅଙ୍ଗନବାଡି କେନ୍ଦ୍ର ଚଳାଉଥିବା ବେଳେ ଚୋଟ ଛୋଟ ପିଲାଙ୍କ ଝାଡା ପରିଶ୍ରା ପାଇଁ ସେଭଳି କିଛି ବ୍ୟବସ୍ଥା କରୁ ନାହାନ୍ତି । କେନ୍ଦ୍ରକୁ ଆସୁଥିବା ଛୋଟ ଛୋଟ ପିଲାଙ୍କୁ ସ୍ୱଳ୍ପ ପରିମାଣର ରନ୍ଧା ଖାଦ୍ୟ ଦେଉଛନ୍ତି । ଅଧିକ ଉପସ୍ଥାନ ଦେଖାଇ କମ ପରିମାଣ ଖାଦ୍ୟ ରାନ୍ଧୁଛନ୍ତି । କରୋନା ସମୟରେ ଗର ଘର ବୁଲି ଛୋଟ ପିଲା ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଆସୁଥିବା ଶୁଖିଲା ଖାଦ୍ୟ ବଂଟନ କରିବାର ନିୟମ ସରକାର କରିଥିଲେ ମଧ୍ୟ ସେ କାହାରି ଘରକୁ ନଯାଇ ନିଜ ଘରେ ଏହାକୁ ବାଂଟୁଛନ୍ତି । କେହି ପ୍ରତିବାଦ କଲେ ଦୁର୍ବ୍ୟବହାର କରୁଛନ୍ତି । ଗତ ଏପ୍ରିଲ ୨୨ ତାରିଖରେ ସି.ଡି.ପି.ଓଙ୍କୁ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲେ ମଧ୍ୟ ଏହାର କୌଣସି ପଦକ୍ଷେପ ନିଆଯାଇ ନାହିଁ । ଆଜି ମହିଳା ମାନେ ସି.ଡି.ପି.ଓ ତନୁଶ୍ରୀ ମିଶ୍ରଙ୍କୁ ଭେଟି ଅଙ୍ଗନବାଡି କର୍ମୀଙ୍କ ଘରେ କେନ୍ଦ୍ର ନକରି ଗ୍ରାମରେ ଥିବା ଅନ୍ୟ ଏକ ସରକାରୀ ସ୍ଥାନରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରିବାକୁ ଦାବି କରିଥିଲେ । ସି.ଡି.ପି.ଓ ଶ୍ରୀମତୀ ମିଶ୍ର ସେମାନଙ୍କୁ ବୁଝାଇବା ସହିତ ମଙ୍ଗଳବାର ଦାୟିତ୍ୱରେ ଥିବା ସୁପରଭାଇଜର ପଠାଇ ଏହାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ମାନେ ଫେରି ଯାଇଥିଲେ ।

ଓଡିଶା କୃଷି ଶିଳ୍ପ ନିଗମ ତରଫରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୨୦ ଲକ୍ଷର ଚେକ ପ୍ରଦାନ

ବାରିପଦା,୦୩/୦୫ (ନି.ପ୍ର): କରୋନା ସଂକ୍ରମଣ ଦ୍ୱିତୀୟ ଲହର ଦିନକୁ ଦିନ ବଢ଼ିବାରେ ଲାଗିଛି । ସରକାରଙ୍କ ତରଫରୁ କୋଭିଡ କୁ ରୋକିବା ପାଇଁ ଅନେକ ପଦକ୍ଷେପ ନିଆ ଯାଉଛି ତା ସହିତ କରୋନା ରୋଗୀଙ୍କ ଚିକିତ୍ସା ପାଇଁ କୋଟି କୋଟି ତାଙ୍କ ବ୍ୟୟ ହେଉଛି । ଏହି ଆପାତକାଳୀନ ସ୍ଥିତରେ ଓଡିଶା କୃଷି ଶିଳ୍ପ ନିଗମ ତରଫରୁ କୋଭିଡ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୨୦ ଲକ୍ଷ ଟଙ୍କା ଚେକ ଲୋକ ସେବା ଭବନ ଠାରେ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଛନ୍ତି ଓଡିଶା କୃଷି ଓ ଶିଳ୍ପ ଉନୟନ ନିଗମ ଅଧକ୍ଷ ଦେବାଶିଷ ମାହାନ୍ତି ଜଣାଇଛନ୍ତି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଟ୍ୱିଟ କରିଥିବାର ଜଣାଯାଇଛି । ତାଙ୍କ ଏହି ମହତ କାର୍ଯ୍ୟ ପାଇଁ ସବୁ ମହଲରୁ ପ୍ରସଙ୍ଗସାର ସୁଅ ଛୁଟିଛି ।

୬୦ନଂ ଜାତୀୟ ରାଜପଥରେ ଟ୍ରଲରକୁ ପିଟିଲା କଣ୍ଟେନର

ଜଳେଶ୍ୱର,୦୩/୦୫ (ନି.ପ୍ର): ୬୦ନଂ ଜାତୀୟ ରାଜପଥର ଜଳେଶ୍ୱରସ୍ଥିତ ଓପିଟିସିଏଲ୍ ବାଇପାସ୍ ଠାରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଲୁହା ରଡ ବୋଝେଇ ଟ୍ରଲରକୁ ଏକ ଟାୟାର ବୋଝେଇ କଣ୍ଟେନର ଆଜି ଭୋର ୪ଟାରେ ପଛରୁ ବାଡେଇଥିଲା । ଫଳରେ ଟ୍ରଲରର ପଛଅଂଶ କଣ୍ଟେନର ଭିତରକୁ ପଶି ଯାଇଥିଲା । ପ୍ରକାଶଯୋଗ୍ୟ ୨ଟି ଯାକ ଯାନ ହାଇଦ୍ରବାଦାର ଗୌହାଟି ଯାଉଥିବାର କଣ୍ଟେନର ଟ୍ରାଇଭର ଅଶୋକ ସମ୍ରାଟ ପ୍ରକାଶ କରିଛି । କିନ୍ତୁ ଟ୍ରଲର ଟ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ କଣ୍ଟେନର ଡ୍ରାଇଭର ଉପସ୍ଥିତ ଥାଇ ପୋଲିସ୍ ସହିତ ସହଯୋଗ କରିଥିଲା ।

ଡାକ୍ତରଖାନା ସୁଇପରଙ୍କୁ ମାଡମାରିଥିବା ନେଇ ଥାନାରେ ମାମଲା

ବାଲିଆପାଳ,୦୩/୦୫ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ପ୍ରତାପପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଜନୈକ ସୁଇପରଙ୍କୁ ମାଡ ମରାଯାଇଥିବା ନେଇ ବାଲିଆପାଳ ଥାନାରେ ମାମଲା ରୁଜୁ ହୋଇଛି । ଅଭିଯୋଗ ମୃତାବକ ପ୍ରତାପପୁର ଗ୍ରାମର ଭାସ୍କର ରାଉତ ପ୍ରତାପପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଇପର ଭାବରେ କାର୍ଯ୍ୟ କରନ୍ତି ।ଭାସ୍କର ଶନିବାର ସଂନ୍ଧ୍ୟାରେ ଡାକ୍ତରଖାନାରେ ଡ୍ୟୁଟି କରୁଥିବା ସମୟରେ ସେହିଗ୍ରାମର ମନ୍ମଥ ବେହେରାଙ୍କ ଦୁଇପୁଅ ନିରଞ୍ଜନ ଓ ସରୋଜ ତାଙ୍କ ପାଖକୁ ଆସି ସେମାନଙ୍କୁ କୋଭିଡ ଟିକା ପାଇଁ ଡାକ୍ତରଖାନାରେ ଦିଆଯାଉଥିବା କୁପନ ମାଗିଥିଲେ । ମାତ୍ର ଭାସ୍କର କୁପନ କେଉଁଠାରୁ ଆଣିବେ କହିବାରୁ ସେମାନେ ରାଗିଯାଇ ଭାସ୍କରଙ୍କୁ ଗାଳି ଗୁଲଜ କରିଥିଲେ । ଏଥିରେ ଭାସ୍କର ବିରୋଧ କରିବାରୁ ନିରଞ୍ଜନ ସରୋଜ ଏବଂ ତାଙ୍କ ବାପା ମନ୍ମଥ ସମସ୍ତେ ମିଶି ଭାସ୍କରଙ୍କୁ ମାଡ ମାରି ଲହୁ ଲୁହାଣ କରିଦେଇଥିଲେ । ସ୍ଥାନୀୟ ଲୋକେ ପହଂଚିଯିବାରୁ ସେମାନେ ଛାଡି ପଳାଇଯାଇଥିଲେ । ଏନେଇ ଭାସ୍କର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ପରେ ବାଲିଆପାଳ ଥାନାରେ ୮୨/୨୧ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଜମିଜମା କବଲା ପଞ୍ଜୀକରଣରେ ପାତରଅନ୍ତର ଅଭିଯୋଗ

ବାଲେଶ୍ୱର ଉପ-ନିବନ୍ଧକ କାର୍ଯ୍ୟାଳୟରେ ପଡ଼ିଲା ତାଲା

ବାଲେଶ୍ୱର,୦୩/୦୫ (ନି.ପ୍ର): ଜମିଜମା ଖର୍ଦ୍ଦି-ବିକ୍ରି କବଲା ପଞ୍ଜୀକରଣରେ ଅନିୟମିତତା କରାଯିବାକୁ ନେଇ ମୋହରିର ସଂଘ ବାଲେଶ୍ୱର ଜିଲା ମୁଖ୍ୟ ଉପ-ନିବନ୍ଧକ (ସବ-ରେଜିଷ୍ଟ୍ରାର)ଙ୍କ କାର୍ଯ୍ୟାଳୟରେ ସୋମବାର ସକାଳେ ତାଲା ପକାଇଥିବା ଦେଖିବାକୁ ମିଳିଥିଲା । ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିବା ଲକ୍ଷ୍ୟ କରାଯାଇଥିଲା । ସେମାନଙ୍କ ଅଭିଯୋଗ ଅନୁସାରେ ସମ୍ପ୍ରତି ଅସ୍ଥାୟୀ ଭାବେ ଦାୟିତ୍ୱରେ ଥିବା ବାଲେଶ୍ୱରରେ ଉପ-ନିବନ୍ଧକ ଅଧିକାଂଶ ସମୟରେ ଛୁଟିରେ ରହୁଥିବାରୁ ବହୁ ଦଲିଲ ସମୟାନୁସାରେ ପଞ୍ଜୀକରଣ ହୋଇପାରୁ ନାହିଁ । ଏମିତିକି ପଞ୍ଜୀକରଣ ପାଇଁ ଆବେଦନ ହୋଇଥିବା ବହୁ ଦଲିଲ ଏବେ ପଡ଼ି ରହିଥିବା ବେଳେ ଉପ-ନିବନ୍ଧକ କାର୍ଯ୍ୟାଳୟର କର୍ମଚାରୀମାନେ ନୂତନ ଦଲିଲ ପଞ୍ଜୀକରଣ ନିମନ୍ତେ ପଦକ୍ଷେପ ନେବାକୁ ମୋହରିର ସଂଘ ବିରୋଧ କରିଥିଲା । ଜିଲାର ଦୂରଦୂରାନ୍ତରୁ ବହୁ ମୋହକିଲ ଆସି ସେମାନଙ୍କ ଦଲିଲ ପଞ୍ଜୀକରଣ ପାଇଁ ଖର୍ଚ୍ଚାନ୍ତ ହୋଇ ଗତ ସପ୍ତାହରୁ ଅପେକ୍ଷା କରି ରହିଛନ୍ତି । କରୋନା ପାଇଁ ଶନିବାରରୁ ସପ୍ତାହାନ୍ତ ପାଳନ କରାଯାଉଥିବା ବେଳେ ଗୁରୁବାର ଓ ଶୁକ୍ରବାରରୁ ବଳକା ଦଲିଲ ପଞ୍ଜୀକରଣ ପାଇଁ ସୋମବାର ପର୍ଯ୍ୟନ୍ତ ପଡ଼ି ରହୁଛି । ମାତ୍ର ସୋମବାରରେ ବାକି ଦଲିଲକୁ ପଞ୍ଜୀକରଣ ନ କରାଇ କର୍ମଚାରୀମାନେ ଅଧିକ ଅର୍ଥ ଲୋଭରେ ସଦ୍ୟ ଦଲିଲକୁ ଗୁରୁତ୍ୱ ଦେଉଥିବା ମୋହରିର ସଂଘ ଆରୋପ କରିଛି । ଅନ୍ୟପକ୍ଷରେ ଉପ-ନିବନ୍ଧକ ବାରମ୍ବାର ଛୁଟିରେ ରହିବା ଯୋଗୁଁ ପ୍ରତି ସପ୍ତାହରେ ପଞ୍ଜୀକରଣ ହୋଇ ନପାରି ବଳି ପଡୁଛି ବୋଲି ସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ତେବେ ବୁଧବାରଠାରୁ ଲକଡାଉନ ଲାଗୁ ହେବାକୁ ଥିବା ବେଳେ ପ୍ରଥମେ ବକେୟା ଦଲିଲ ପଞ୍ଜୀକରଣ ପାଇଁ ମୋହରୀରମାନେ ଦାବି କରିଥିଲେ । ମାତ୍ର କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ନଦେବା କାରଣରୁ ଶେଷରେ ଉଭୟକ୍ତ ହୋଇ ସଂଘ ତାଲା ପକାଇବାକୁ ବାଧ୍ୟ ହୋଇଥିବା କର୍ମକର୍ତ୍ତାମାନେ କହିଛନ୍ତି । ଖବର ପାଇ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସଂଘର କର୍ମକର୍ତ୍ତାଙ୍କୁ ଡକାଇ ବୁଝାସୁଝା କରିବା ସହିତ ପ୍ରଥମେ ବକେୟା ଦଲିଲ ପାସ ପାଇଁ ଉପ-ନିବନ୍ଧକଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ତେବେ ଦୀର୍ଘ ଅଢ଼େଇ ଘଣ୍ଟା କାଳ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରେ କୌଣସି କାର୍ଯ୍ୟ ହୋଇପାରି ନଥିଲା ।

ଜଳେଶ୍ୱରରେ କୋଭିଡ୍ ହସ୍‌ପିଟାଲ ଓ ବାଲେଶ୍ୱରରେ ଅକ୍ସିଜେନ ପ୍ଲାଣ୍ଟ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଜଳେଶ୍ୱର, ୩/୫ (ନିପ୍ର) : ଜଳେଶ୍ୱର ଅଂଚଳରେ ୩୦୦ରୁ ଅଧିକ କରୋନା ପଜେଟିଭ୍ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ଜଣ ବାଲେଶ୍ୱର ସ୍ଥାନାନ୍ତର ହୋଇଛନ୍ତି । ଅଦ୍ୟାବଧି ୧୨ଜଣ ମୃତ୍ୟୁ ମୁଖରେ ପଡିଥିବା ଅଭିଯୋଗ ହୋଇଥିବାରୁ ଆଗାମିଦିନକୁ ଲକ୍ଷ୍ୟକରି କୋଭିଡ୍ ହସ୍‌ପିଟାଲ ଖୋଲିବାକୁ ଆଜି ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତହସିଲଦାରଙ୍କୁ ଦିଆଯାଇଛି । ଏହି ମେଡିକାଲ କଲେଜରେ ସମସ୍ତ ସୁବିଧା ସୁଯୋଗ ସହିତ ଡାକ୍ତର ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇଛି । ସେହିପରି ନିକଟରେ ପ୍ରଧାନମନ୍ତ୍ରୀ ଦେଶରେ ୫୫୧ଟି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯାଉଥିବା ବେଳେ ବାଲେଶ୍ୱର ଏଫଏମ୍ ମେଡିକାଲ କଲେଜ ପରିସରରେ ଏକ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଜଳେଶ୍ୱର କମିଟି ଦୃଢ ଦାବି ଜଣାଇଛି । ଜଳେଶ୍ୱର ଡ. ରମାକାନ୍ତ ଭଂଜ, କମଳ ଚକ୍ରବର୍ତ୍ତୀ, ଡ. ଅଜିତ୍ ମହାନ୍ତି, ଦିଲ୍ଲିପ ଗିରି, ଜିତାଂଶୁ ନନ୍ଦି, ଜିଲ୍ଲିପ ଗିରି ପ୍ରମୁଖ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।

କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ବାଲେଶ୍ୱର,୦୩/୦୫ (ନି.ପ୍ର): ସାମ୍ବାଦିକ ମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଯୋଦ୍ଧାର ମାନ୍ୟତା ଘୋଷଣା କରିବା ପରେ କର୍ମଜୀବୀ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି । ସ୍ୱାସ୍ଥ୍ୟବୀମା ପ୍ରଦାନ ସମେତ କରୋନା ଆକ୍ରାନ୍ତ ଜନିତ ମୃତ୍ୟୁ କ୍ଷେତ୍ରରେ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରି ସାମ୍ବାଦିକ ମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନିଜର ସମ୍ବେଦନଶୀଳତା ପ୍ରକଟ କରିଛନ୍ତି । ସାମ୍ବାଦିକ ମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ ଅଗ୍ରାଧିକାର ଭିତ୍ତିରେ ଟିକା ପ୍ରଦାନ ପାଇଁ ସଂଘ ପକ୍ଷରୁ ନିକଟରେ ଏକ ଅନୁରୋଧ ପତ୍ର ମାଧ୍ୟମରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଥିଲେ । ଏହି ପରିପ୍ରେକ୍ଷୀରେ ବ୍ଲକ ଉପଖଣ୍ଡ ଓ ସହରାଞ୍ଚଳରେ ସତନ୍ତ୍ର କ୍ୟାମ୍ପ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଟିକା କରଣରେ ସାମିଲ କରିବା ଓ ଅନ୍ୟାନ୍ୟ କୋରନା ଯୋଦ୍ଧାଙ୍କ ଭଳି ଅନୁକମ୍ପା ରାଶି ୫୦ ଲକ୍ଷକୁ ବୃଦ୍ଧି କରିବା ଓ ସ୍ୱାସ୍ଥ୍ୟ ବିମା ଯୋଜନାରୁ ବାଦ ପଡ଼ିଥିବା ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି ।

କରୋନା କଟକଣାକୁ ବ୍ୟାଙ୍କ ସମ୍ମୁଖରେ ପ୍ରବଳ ଭିଡ : ୩୫ ହଜାର ଟଙ୍କା ଫାଇନ୍ ଆଦାୟ

ଜଳେଶ୍ୱର, ୩/୫ (ନିପ୍ର) : ସମଗ୍ର ଦେଶରେ କରୋନାର ୨ୟ ଲହର ଦେଖାର ଦେଇଥିବାରୁ ପୁଣି ଲକ୍ ଡାଉନ୍, ସଟ୍‌ଡାଉନ୍‌ଭଳି ପରିସ୍ଥିତି ଉପୁଜିଛି । ଏହା ସହିତ ପଶ୍ଚିମବଂଗରେ ବ୍ୟାପକ କରୋନା ସଂକ୍ରମିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ଆସି ଜଳେଶ୍ୱର ସହର ଅଂଚଳରେ ଭିଡ ଜମାଉଛନ୍ତି । ୨ ଦିନର ସଟ୍‌ଡାଉନ୍‌ପରେ ଆଜି ଜଳେଶ୍ୱରର ପ୍ରତ୍ୟେକ ବ୍ୟାଙ୍କ, ଅଫିସ୍ ଗୁଡିକରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଉପଭୋକ୍ତମାନେ ଖେନ୍ଦି ଖେନ୍ଦି ହୋଇ ଛିଡାହେବା ଏବଂ ବ୍ୟାଙ୍କ ଗୁଡିକ ମଧ୍ୟରେ କୌଣସି ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱନଦେବା ଚିନ୍ତାର କାରଣ ହୋଇଛି । ଆଜି ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ସକାଳ ୧୦ଟାରୁ ଦିନ ୧ଟା ଯାଏ ପ୍ରବଳ ଭିଡ ରହିଥିଲା । ଏହା ବ୍ୟତିତ ଏକ୍ସିସ୍ ବ୍ୟାଙ୍କ, ଆଇସିଆସିଆଇ ବ୍ୟାଙ୍କ, ପିଏନ୍‌ବି, ୟୁନିୟନ ବ୍ୟାଙ୍କ ଇତ୍ୟାଦି ବହୁ ବ୍ୟାଙ୍କରେ ଭିଡ ପରିଲକ୍ଷିତ ହୋଇଥିଲା । ଅନ୍ୟପକ୍ଷରେ ଅମାନିୟା ମାନଙ୍କୁ ସାବାଡ ଲାଗି ଆଜି ପୁଲିସ୍ ପୁଲିସ୍ ଆଇଆଇସି ପର୍ଶୁରାମ ସାହୁଙ୍କ ନିର୍ଦ୍ଦେଶରେ ସତ୍ୟନାରାୟଣ ବଳଙ୍କ ନେତୃତ୍ୱରେ ଏକ ଟିମ୍ ବାହାରିଥିଲା । ମୁହଁରେ ତୁଣ୍ଡିନଥିବା, ବାଇକ୍ ଚାଳକଙ୍କ ହେଲମେଣ୍ଟ ନଥିବା କାରଣରୁ ୩୫ ହଜାର ଟଙ୍କା ଜୋରିମାନା କରାଯାଇଥିବା ଜଣାଯାଇଛି । ସେହିପରି ପୌର ଅଧିକାରୀ ଅଜୟ କୁମାର ମହାପାତ୍ର ଏକ ଟାସ୍କଫୋର୍ସ ସହିତ ଜଳେଶ୍ୱରର କେତେକ ବଡବଡ ଦୋକାନ ଉପରେ ଚଢାଉ କରିଥିଲେ ।

ଉଚ୍ଛେଦ ବସ୍ତି ବାସିନ୍ଦାଙ୍କ ଥଇଥାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ବାଲେଶ୍ୱର,୦୩/୦୫ (ନି.ପ୍ର): ଉଚ୍ଛେଦ ଅଙ୍ଗାରଗଡ଼ିଆ ବସ୍ତି ବାସିନ୍ଦାଙ୍କ ତୁରନ୍ତ ଥଇଥାନ ଓ ନ୍ୟାୟ ପ୍ରଦାନ ପାଇଁ ବାଲେଶ୍ୱର ନବଜାଗରଣ ବସ୍ତି ବାସିନ୍ଦା ସମ୍ମିଳନ ସଂଘ ବାଲେଶ୍ୱର ଜିଲାପାଳଙ୍କ କୋର୍ଟରେ ମାମଲା ଆବେଦନ କରିଛନ୍ତି । ଓଡ଼ିଶା ହାଇକୋର୍ଟର ୯୯୦୫/୨୦୨୧ନଂ ମାମଲାର ନିର୍ଦ୍ଦେଶ ଅନୁଯାୟୀ ଭୂମିହୀନ ପ୍ରତ୍ୟେକ ବସ୍ତି ବାସିନ୍ଦା ପରିବାରଙ୍କୁ ୪ ଡିସିମିଲ ଜାଗା ଯୋଗାଇ ଦେବା କଥା । ମାତ୍ର ବାଲେଶ୍ୱର ଜିଲା ପ୍ରଶାସନ ଏଥିରେ ଅବହେଳା କରିଥିବା ଅଭିଯୋଗ କରିଛି ନବ ଜାଗରଣ ବସ୍ତି ବାସିନ୍ଦା ସମ୍ମିଳନ ସଂଘ । ଜିଲାପାଳଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଯୋଗୁଁ ଶେଷରେ ନବଜାଗରଣ ବସ୍ତି ବାସିନ୍ଦା ସମ୍ମିଳନ ସଂଘ ପକ୍ଷରୁ ୨୧/୨୦୨୧ ନଂର ମାମଲା ରୁଜୁ ହୋଇଥିଲା । ମାମଲାର ପ୍ରାରମ୍ଭିକ ଶୁଣାଣି କରି ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସଦର ତହସିଲଦାରଙ୍କୁ ତୁରନ୍ତ ତଦନ୍ତ ସହ ଜାଗା ଚୟନ ପାଇଁ ନିର୍ଦ୍ଦେଶ ଦେଇଥିବା ସଂଘର ସଭାପତି ଯତୀନ୍ଦ୍ର ପୁହାଣ ସୂଚନା ଦେଇଛନ୍ତି ।

ବାଲେଶ୍ୱରର କରୋନା ସଂକ୍ରମଣ ଉପରମୁହାଁ : ଦିନକରେ ଚିହ୍ନଟ ୧୭୯ନୂଆ ସଂକ୍ରମିତ

ବାଲେଶ୍ୱର,୦୩/୦୫ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ସଂକ୍ରମଣ ହାର ବୃଦ୍ଧି ପାଇବା ସବୁ ମହଲ ପାଇଁ ଉଦବେଗର ବିଷୟ ହୋଇଛି । ଜିଲାର ବିଭିନ୍ନ ଅଞ୍ଚଳରୁ ୧୭୯ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ତନ୍ମଧ୍ୟରୁ ବାଲେଶ୍ୱର ସହରର ମୋତିଗଞ୍ଜରୁ ୩ ଜଣ, ଚୌଧୁରୀ ସାହିରୁ ୨ଜଣ, ଆଜିମାବାଦ, ମାନସିଂବଜାର ଓ ମଠସାହି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ସଦର ବ୍ଲକରୁ ୮ ଜଣ ଓ ରେମୁଣା ବ୍ଲକରୁ ୧୪, ବାହନଗା ବ୍ଲକରୁ ୬୭ ଜଣ, ବାଲିଆପାଳ ବ୍ଲକରୁ ୬୦ ଜଣ, ଖଇରା ବ୍ଲକରୁ ୧୦ ଜଣ, ସୋର ବ୍ଲକରୁ ୪ ଜଣ, ନୀଳଗିରି ବ୍ଲକରୁ ୨ ଜଣ ଓ ଜଳେଶ୍ୱର ବ୍ଲକରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ବିଶେଷ କରି ବାହାନଗା ବ୍ଲକର ବେଣାପଡ଼ା ଅଞ୍ଚଳରୁ ୧୪ ଜଣ, ନଦୀଆଳିରୁ ୫୧ ଜଣ, ଖଇରା ବ୍ଲକର ସ୍ୱାଇଁ ଅଞ୍ଚଳରୁ ୧୦ ଜଣ ଏକକାଳୀନ ଚିହ୍ନଟ ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି । ଅଧିକ ସଂଖ୍ୟକ ସଂକ୍ରମିତ ଚିହ୍ନଟ ଏହି ସବୁ ଅଞ୍ଚଳକୁ ଅଣୁ ଆବଦ୍ଧାଞ୍ଚଳ ଭାବେ ଘୋଷଣା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ତେବେ ନୂଆ ଭାବେ ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସଂକ୍ରମିତ ବ୍ୟକ୍ତିଙ୍କୁ ଘରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଥିବା ବେଳେ ଜଟିଳ ସ୍ଥିତିରେ ଥିବା ଆକ୍ରାନ୍ତଙ୍କୁ ଅସ୍ଥାୟୀ କୋଭିଡ ଚିକିତ୍ସା କେନ୍ଦ୍ର ଓ ଗୁରୁତରଙ୍କୁ କୋଭିଡ ଡାକ୍ତରଖାନାରେ ଭର୍ତ୍ତି କରାଯାଉଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର ଜଲାରେ ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ